# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ • ମୂଲ୍ୟ-୫ଟଙ୍କା

VOL NO. - 11, ISSUE NO. - 18, DATE : 01.11.2024 - 15.11.2024 FORTNIGHTLY (ODIA), BHUBANESWAR. PAGES-08

## ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁ : ସତ୍ୟକୁ ଲୁଚାଇବା ପାଇଁ ଏତେ ଅପଚେଷ୍ଟା କାହିଁକି ?

ଗତ ଅକ୍ଟୋବର ୩୦ତାରିଖ ରାଜ୍ୟରେ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ବ୍ଲକ୍ ଗଦାପୁର ପଂଚାୟତ, ମାଣ୍ଡିପଙ୍କ ଗ୍ରାମର ଲୋକମାନେ ଆମ୍ବଟାକୁଆ ଜାଉ ଖାଇବା, ସେହି ରାତିରୁ ଅସୁସ୍ଥ ହେବା, ଜଣଙ୍କର ସେହି ଗାଁରେ, ଆଉ ଜଣଙ୍କର ଡାକ୍ତରଖାନା ଆସିବା ରାସ୍ତାରେ ମୃତ୍ୟୁ ହେବା ଓ ଅନ୍ୟ ୬ଜଣ ପୀଡିତ ଗୁରୁତର ଭାବେ ଅସୁସ୍ଥ ହେବା ଆଦି ଖବର ନଭେମ୍ବର ୧ତାରିଖ ଦିନ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୁଏ। ତା'ପରଠାରୁ ଏହି ଘଟଣାକୁ ନେଇ ବହୁ ବାଦ-ବିବାଦ ଚାଲିଛି। ଏହା ଅନାହାର ମୃତ୍ୟୁ ନା ସ୍ୱାଭାବିକ ମୃତ୍ୟୁ, ମୃତକ ଓ ପୀଡିତମାନଙ୍କ ପାକସ୍ଥଳୀରେ ଖାଦ୍ୟଥିଲା କି ନାହିଁ, ଯଦି ଥିଲା ତେବେ ଏହା ଅନାହାର ଜନିତ ଘଟଣା ହେବ କି ନାହିଁ, ଆମ୍ବଟାକୁଆ ଜାଉ ଆଦିବାସୀମାନଙ୍କ ପାରମ୍ପରିକ ଓ ସ୍ୱାଭାବିକ ଖାଦ୍ୟ କି ନୁହେଁ, ଶୁଖିଲା ଆମ୍ବଟାକୁଆରୁ ପ୍ରସ୍ତୁତ ଖାଦ୍ୟ କେତେ ପୁଷ୍ଟିକର, ଖାଦ୍ୟ-ଅଖାଦ୍ୟର ପରିଭାଷା କ'ଣ, ଘଟଣା ପାଇଁ ଦାୟୀ କିଏ ଆଦି ପ୍ରଶ୍ନକୁ ନେଇ ଖୁବ୍ ବିତର୍କ ମଧ୍ୟ ଚାଲିଛି। ତେବେ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି, ଅତୀତର ସେହି କଳଙ୍କିତ ପରମ୍ପରାର ପୁନରାବୃତ୍ତି ଘଟିଛି। ସତ୍ୟକୁ ଲୁଚାଇବା ପାଇଁ ରାଜ୍ୟ ସରକାର ଓ ପ୍ରଶାସନ ତରଫରୁ ଘୃଣ୍ୟ ଅପଚେଷ୍ଟାରେ କୌଣସି କମି ନାହିଁ। ଏ ମୃତ୍ୟୁ ଅନାହାର ମୃତ୍ୟୁ ନୁହେଁ, ଏହା ପ୍ରମାଣ କରିବାପାଇଁ ସରକାରୀ କଳ ସଦଳବଳେ ଲାଗି ପଡିଛନ୍ତି।

**ଅମାନବୀୟ ବିବାଦର ପୁନରାବୃତ୍ତି**

୨୦୦୧ ମସିହାରେ ବିଜେଡି-ବିଜେପି ମେଣ୍ଟ ସରକାରର ପ୍ରଥମ ପାଳିରେ ରାୟଗଡା ଜିଲ୍ଲାର କାଶିପୁର ବ୍ଲକ୍‌ରେ ଆମ୍ବଟାକୁଆ ଖାଇ ୨୪ ଜଣଙ୍କର ବେଦନାଦାୟକ ମୃତ୍ୟୁ। ରାଜ୍ୟରେ ଯଦିଓ ଏହିଭଳି ଦୁଃଖଦ ଘଟଣା ବିଭିନ୍ନ ସ୍ଥାନରେ ଘଟେ, ତେବେ ସବୁ ସମୟରେ ଲୋକଲୋଚନକୁ ଆସିପାରେନା। ଯେତେବେଳେ ବି କିଛି ଘଟଣା ଆସେ, ଦେଖାଯାଇଛି ସବୁ ସମୟରେ ହିଁ 'ଅନାହାର ମୃତ୍ୟୁ' ଏକ ନୀତିହୀନ ରୋଚକ ବିତର୍କର ବିଷୟ ବସ୍ତୁ ହୋଇଥାଏ। ଅଖାଦ୍ୟ ଖାଇ ମୃତ୍ୟୁ, ଖାଦ୍ୟର ବିଷ କ୍ରିୟା ଯୋଗୁ ମୃତ୍ୟୁ ଆଦି ଯୁକ୍ତି ଦିଆଯାଏ। ଏହା ଅତୀତରେ କଂଗ୍ରେସ ସରକାର ଅମଳରେ ଓ ବିଜେଡି -ବିଜେପି ମେଣ୍ଟର ୨୩ବର୍ଷ ଶାସନ କାଳରେ ବି ଘଟିଛି। କୁତ୍ସିତ ହୃଦୟହୀନ ବାଦ-ବିବାଦର ସୀମା ନଥାଏ। ତେବେ ବର୍ତ୍ତମାନର ରାଜ୍ୟ ବିଜେପି ସରକାର ସତ୍ୟକୁ ଘ ଘୋଡାଇବାର ଅତୀତର ସମସ୍ତ ରେକର୍ଡକୁ ଟପି ଯାଇଛି। ୨୦୦୧ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଶିପୁରର ଅନାହାର ମୃତ୍ୟୁକୁ ଅସ୍ୱୀକାର କରି କହିଥିଲେ, "ଆମ୍ବ ଟାକୁଆ ଆଦିବାସୀମାନଙ୍କର ପାରମ୍ପରିକ ଖାଦ୍ୟ ଓ ଏହାର ବିପଦ ସଂପର୍କରେ ସେମାନଙ୍କୁ ଯେତେ ବୁଝାଇଲେ ବି ସେମାନେ ବୁଝୁ ନାହାନ୍ତି।" ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଘଟଣା ଘଟିବା ପରେ ନିଜେ ନିର୍ଦ୍ଦେଶ ଦେଇଥିବା ଆରଡିସି ତଦନ୍ତର ରିପୋର୍ଟ ଆସିବା ପୂର୍ବରୁ ହିଁ ବୟାନ ଦେଲେ 'ମୃତ୍ୟୁ ଅର୍ଦ୍ଧାହାର ବା ଅନାହାର ଯୋଗୁ ନୁହେଁ, ବରଂ ଆମ୍ବଟାକୁଆ ଜାଉ ପ୍ରତି ଆଦିବାସୀଙ୍କ ଅହେତୁକ ଦୁର୍ବଳତା ହିଁ ମୃତ୍ୟୁର କାରଣ'। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିଜେ ମଧ୍ୟ ସରକାରଙ୍କ ସ୍ୱରରେ ସ୍ୱର ମିଳାଇ ଏହି ସମାନ କଥା କହିଲେ। ଲକ୍ଷଣୀୟ ଯେ, ବିଜେଡି-ବିଜେପି ମେଣ୍ଟ ସରକାରଙ୍କର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବା ବର୍ତ୍ତମାନର 'ଜନତାର ସରକାର' ବୋଲାଉଥିବା ଓ ଆଦିବାସୀ ସଂପ୍ରଦାୟର ମୁଖ୍ୟମନ୍ତ୍ରୀ ତଥା ଆଦିବାସୀଙ୍କ ତ୍ରାଣକର୍ତ୍ତା। ବୋଲି ପ୍ରଚାର କରାଯାଉଥିବା ବିଜେପି ସରକାରର ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ କଣ୍ଠସ୍ୱର ଓ ଯୁକ୍ତି କିଭଳି ଅବିକଳ ଭାବେ ସମାନ। ଏମାନେ ସମସ୍ତେ ଗୋଟିଏ କଣ୍ଠରେ କହୁଛନ୍ତି 'ଏହି ମୃତ୍ୟୁ ପାଇଁ ଆଦିବାସୀମାନେ ନିଜେ ହିଁ ଦାୟୀ। ନବେ ଦଶକରେ କଳାହାଣ୍ଡି ଜିଲ୍ଲାରେ ଘଟିଥିବା ଅନାହାର ମୃତ୍ୟୁ ବେଳେ ତତ୍କାଳୀନ କଂଗ୍ରେସ ସରକାର ଓ ଏହାର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମଧ୍ୟ ସମାନ କଥା କହିଥିଲେ। ତେବେ ଏକବିଂଶ ଶତାବ୍ଦୀରେ,

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଅର୍ଥନୀତିର ଆକାର କୁଆଡେ ବଢୁଛି !

### ତା'ହେଲେ ଜନସାଧାରଣଙ୍କର କ୍ରୟ କ୍ଷମତା କାହିଁକି ହ୍ରାସ ପାଉଛି ?

ବଜାର ଦର ବଢି ଚାଲିଛି। ସରକାର ମଧ୍ୟ ଏହାକୁ ଅସ୍ୱୀକାର କରିପାରୁନାହାନ୍ତି। ପନିପରିବାରେ ହାତ ମାରି ହେଉନାହିଁ। ଚାଉଳ, ଆଳୁ, ସୋରିଷ ତେଲର ଦାମ ରକେଟ୍ ଗତିରେ ବଢି ଚାଲିଚି। ହେଲେ ସାଧାରଣ ଲୋକଙ୍କ ରୋଜଗାର ବୃଦ୍ଧି ପାଉନାହିଁ। କଳକାରଖାନା ବନ୍ଦ ହେଉଛି। ଶ୍ରମିକ କର୍ମଚାରୀ ଛଟେଇ ହୋଇ ବେକାରୀ ବାହିନୀରେ ଯୋଗ ଦେଉଛନ୍ତି। ସ୍କିମ୍ ଶ୍ରମିକଙ୍କ ସଂଖ୍ୟା ବଢୁଛି, ସ୍ଥାୟୀକାମ ବିଲୋପ ହେଉଛି, ମାମୁଲି ପାରିଶ୍ରମିକରେ କାମ କରିବାପାଇଁ ଶ୍ରମିକ କର୍ମଚାରୀମାନେ ବାଧ୍ୟ ହେଉଛନ୍ତି। ସଂସାର ଚଳାଇବା ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟତଃ ଅସମ୍ଭବ ହୋଇପଡୁଛି। ସଂକ୍ଷେପରେ ଏହା ହେଉଛି ବାସ୍ତବ ଅବସ୍ଥା।

ମାତ୍ର ସରକାର ପ୍ରଚାର କରିଚାଲିଛନ୍ତି ଯେ ଆମ ଦେଶର ଅର୍ଥନୀତିର ଆକାର ବଢିଚାଲିଛି। ସରକାରୀ ଅର୍ଥନୀତିବିତ୍ ଏବଂ ସରକାରୀ ପ୍ରଚାର ମାଧ୍ୟମରେ ପରିଣତ ହୋଇଥିବା ଦେଶର ମୁଖ୍ୟ ଧାରାର ଗଣମାଧ୍ୟମର ଏକ ବଡ ଅଂଶ ସରକାରଙ୍କର ଏହି ଦାବିକୁ ଜୋରଦାର ଭାବରେ ପ୍ରଚାର କରିଚାଲିଛି। ବର୍ଷକୁ ବର୍ଷ କୁଆଡେ କେତେ ଟ୍ରିଲିୟନ ହାରରେ ଅର୍ଥନୀତିର ଆକାର ବଢୁଛି। ଭାରତ କୁଆଡେ ୟୁରୋପର ବଡ ବଡ ଦେଶକୁ ପଛରେ ପକାଇ ଆଗେଇ ଚାଲିଛି। ତେବେ ଜନସାଧାରଣ ଏସବୁ ପ୍ରଚାରର ଆଦି ଅନ୍ତ କିଛି ବୁଝିପାରୁନାହାନ୍ତି। ସାଧାରଣ ଲୋକ ଭାବୁଛି ଟ୍ରିଲିୟନ କହିଲେ କେତେ ଟଙ୍କା ସେକଥା ଭାବି ହେଉନାହି, ପାଂଚ, ଛ ପ୍ରାଣୀଙ୍କର ସଂସାର ଚଳାଇବା ପାଇଁ ଦୁଇପଇସା ପକେଟରେ ଥିଲେ ବରଂ ଭଲ ହୁଅନ୍ତା। ପରିବାର ଲୋକଙ୍କ ପାଇଁ ଖାଦ୍ୟ ଯୋଗାଡ କରିବା ତ ଅସମ୍ଭବ ହୋଇପଡିଛି। ଏହା ଉପରେ ପୁଣି ରହିଛି ବିଜୁଳି ବିଲ୍, ଚିକିତ୍ସା ଓ ପିଲାଙ୍କ ପାଠପଢା ଖର୍ଚ୍ଚ ଆଉ ଘରଭଡା। ଏସବୁ ଦେବାପରେ ତେଲ ସାବୁନ କିଣିବାପାଇଁ ତ ଟଙ୍କା ବଳୁନାହିଁ।

ସାଧାରଣ ଲୋକଙ୍କର ଏହି ଦୁଶ୍ଚିନ୍ତା ଯେ କେତେ ବାସ୍ତବ ତା' ବୁଝିହୁଏ ଖାଉଟି ସାମଗ୍ରୀ ବଜାରର ଅବସ୍ଥା ଦେଖିଲେ। ସମୀକ୍ଷାରୁ ସ୍ପଷ୍ଟ ହୋଇଛି ଯେ, ଖାଦ୍ୟ ସାମଗ୍ରୀ ସମେତ, ତେଲ, ଟୁଥପେଷ୍ଟ, ବିସ୍କୁଟ, ସାବୁନ, ସାମ୍ପୋ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ବିକ୍ରି ଗତ ୬ରୁ ୯ମାସ ମଧ୍ୟରେ ଉଲ୍ଲେଖଯୋଗ୍ୟ ଭାବରେ ହ୍ରାସ ପାଇଛି। ମଧ୍ୟବିତ୍ତ ମାନେ ବ୍ୟବହାର କରୁଥିବା ସ୍କୁଟର ଓ ଘର ବିକ୍ରି ହ୍ରାସ ଘଟିଛି। ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ଶ୍ରେଣୀର ଲୋକ ବ୍ୟବହାର କରୁଥିବା ସ୍ମାର୍ଟଫୋନର ବିକ୍ରି ହ୍ରାସ ପାଇଛି। ଏହାର ବିପରୀତରେ ବିଳାସପୂର୍ଣ୍ଣ ଫ୍ଲାଟ୍ ଓ ଦାମୀ ଗାଡିର ବିକ୍ରି ବୃଦ୍ଧି ପାଇଛି। ସେହିଭଳି ୩୦ହଜାର ଟଙ୍କାରୁ ଅଧିକ ଦରର ସ୍ମାଟ ଫୋନ ବିକ୍ରି ବଢିଛି, ୫୦ହଜାର ଟଙ୍କାରୁ ଅଧିକ ଦାମର ସ୍ମାର୍ଟ ଫୋନ ବିକ୍ରି ଆହୁରି ବଢିଛି। ଏହାର ଅର୍ଥ ହେଉଛି ଧନୀକ ଗୋଷ୍ଠୀର ବଜାରଟି କେବଳ ଅତୁଟ ରହିଛି ତା' ନୁହେଁ, ବରଂ ଏହି ବଜାର ଦ୍ରୁତ ସଂପ୍ରସାରିତ ହେଉଛି। ମଧ୍ୟବିତ୍ତ ମାନଙ୍କର ବଜାର ସଂକୁଚିତ ହେଉଛି, କାରଣ ମଧ୍ୟବିତ୍ତ ମାନଙ୍କର ଖରିଦ କରିବାର ଆର୍ଥିକ କ୍ଷମତା ହ୍ରାସ ପାଉଛି।

ମାତ୍ର ମଧ୍ୟବିତ୍ତ ମାନଙ୍କ ବଜାର ସଂକୁଚିତ ହେଉଛି କାହିଁକି ? ବାସ୍ତବରେ ସ୍ୱାଧୀନତା ପରଠାରୁ ସମସ୍ତ ସରକାର, ବିଶେଷତଃ ବର୍ତ୍ତମାନର ନରେନ୍ଦ୍ର ମୋଦି ସରକାର ଯେଉଁ ଆର୍ଥିକ ନୀତି ଅନୁସରଣ କରୁଛି, ସେହି ନିତି ଯୋଗୁ ଆର୍ଥିକ ଅସାମ୍ୟ ବଢିଚାଲିଛି। ଧନୀମାନେ ଆହୁରି ଧନୀ ହେଉଛନ୍ତି, ଗରିବ ଆହୁରି ଗରିବ ହେଉଛି। କେବଳ ତା' ନୁହେଁ, ମଧ୍ୟବିତ୍ତ ମାନଙ୍କର ଗୋଟିଏ ଅଂଶ ଦ୍ରୁତ ରୋଜଗାର ତଥା କ୍ରୟକ୍ଷମତା ହରାଇ ନିମ୍ନମଧ୍ୟବିତ୍ତ ଓ ଦରିଦ୍ରରେ ପରିଣତ ହେଉଛନ୍ତି। ତା'ର କାରଣ ହେଉଛି, ଆମ ଦେଶର ମଧ୍ୟବିତ୍ତ ମୂଳତଃ ଚାକିରି ଉପରେ ନିର୍ଭରଶୀଳ। ମାତ୍ର ଚାକିରିର ଅବସ୍ଥା ଅତ୍ୟନ୍ତ ଖରାପ। ନୂଆ ଚାକିରି ସୃଷ୍ଟି ହେଉନାହିଁ କହିଲେ ଚଳେ। ପ୍ରଧାନମନ୍ତ୍ରୀଙ୍କର ବର୍ଷକୁ ଦୁଇକୋଟି ଚାକିରି ବର୍ତ୍ତମାନ ତାଙ୍କୁ ହିଁ ବିଦ୍ରୁପ କରୁଛି। ଯେଉଁମାନେ ବି ଚାକିରି ଘୋଷଣା କରିଛନ୍ତି

ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ

## ଘରେ ନ ପଶୁଣୁ ବାଜିଲାଣି ଗଳ !

### ଆରଆଇ ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା, ଅରାଜକତା ଓ ଦୁର୍ନୀତି

ଘରେ ନପଶୁଣୁ ଗଳ ବାଜିଲାଣି। ରାଜ୍ୟ ବିଜେପି ସରକାରଙ୍କ ଦୁର୍ନୀତି ପ୍ରତି ଜିରୋ ଟଲରାନ୍ସ, ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା ଆଦି ଦାବି ଓ ପ୍ରତିଶୃତି ଯେ ଖାଲି ବାହାସ୍ଫୋଟ ତା' ନିକଟରେ ଅନୁଷ୍ଠିତ ହୋଇଥିବା ଆର ଆଇ ଅମିନ ପରୀକ୍ଷାରେ ପ୍ରମାଣିତ ହୋଇଯାଇଛି। ଦୁର୍ନୀତିଗ୍ରସ୍ତ ଘରୋଇ ସଂସ୍ଥା ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଥିବା ଅସାଧୁ ବୁଝାମଣା ମଧ୍ୟ ଏହି ପରୀକ୍ଷାରେ ନଗ୍ନ ଭାବେ ପ୍ରକଟିତ ହୋଇଛି। ନୂତନ ସରକାରଙ୍କ ଅଧିନରେ ଏହାଥିଲା ପ୍ରଥମ ପରୀକ୍ଷା ପରିଚାଳନା। ଓଡିଶା ସରକାରଙ୍କ ଓଏସ୍ଏସ୍ଏସ୍‌ସି(ଓଡିଶା ଅଧସ୍ତନ କର୍ମଚାରୀ ନିଯୁକ୍ତି ଆୟୋଗ) ପରିଚାଳନାରେ ଉକ୍ତ ପରୀକ୍ଷା ଅନୁଷ୍ଠିତ ହୋଇଛି। ରାଜ୍ୟରେ ବେକାରୀ ସମସ୍ୟା ଯେ ଦିନକୁ ଦିନ ଉତ୍କଟ ରୂପ ଧାରଣ କରୁଛି ତା ସମସ୍ତେ ଜାଣନ୍ତି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି, ଦିନରାତି ପରିଶ୍ରମ କରି ପାଠ ପଢା ସରିବା ପରେ ଚାକିରି ଖଣ୍ଡେ ପାଇବାପାଇଁ ଯୁବକ ଯୁବତୀମାନେ କି ଅମାନୁଷିକ ପରିଶ୍ରମ କରନ୍ତି ଓ ମାନସିକ ଦୁଶ୍ଚିନ୍ତା ଓ ଚାପ ମଧ୍ୟରେ ଦିନ ବିତାନ୍ତି ତା' ମଧ୍ୟ କାହାକୁ ଅଜଣା ନୁହେଁ। ଏହିଭଳି ପରିସ୍ଥିତିରେ ଚାକିରୀ ଦେବା ନାଁରେ ବିଭିନ୍ନ ଘରୋଇ ସଂସ୍ଥା ଓ ବ୍ୟକ୍ତି ବିଶେଷ ବେକାର ଯୁବକମାନଙ୍କୁ ବିଭିନ୍ନ ଉପାୟରେ ଲୁଟିବା ମଧ୍ୟ ଏକ ସାଧାରଣ ଘଟଣାରେ ପରିଣତ ହୋଇଗଲାଣି। ସେ ବିଜେଡି ହେଉ ବା କଂଗ୍ରେସ ବା ବର୍ତ୍ତମାନ ରାଜ୍ୟରେ ଥିବା ବିଜେପି, ଏହି ସମସ୍ତ ଦଳମାନଙ୍କର ଉକ୍ତ ଠକ ସଂସ୍ଥା ଓ ବ୍ୟକ୍ତିବିଶେଷ ମାନଙ୍କ ସହିତ ଥିବା ମଧୁର ସଂପର୍କ ବି ଆଉ ଅଛପା ନାହିଁ। ଏପରିକି ସରକାରୀ ଦଳ ଓ ପ୍ରଶାସନ ମଧ୍ୟ ଦାଉ ସାଧନ୍ତି। ନିଯୁକ୍ତି ନାଁରେ ଯେଉଁସବୁ ପରୀକ୍ଷା ହୁଏ ତାହା ଛାତ୍ରଛାତ୍ରୀମାନଙ୍କର ଦୁଶ୍ଚିନ୍ତା, ମାନସିକ ଚାପ ଓ ଉଦ୍‌ବେଗକୁ ବହୁଗୁଣ ବଢାଇ ଦେଇଥାଏ। ଏପରିକି ବହୁ ଆଶାୟୀ ଆତ୍ମହତ୍ୟା କରିବାକୁ ବାଧ ହୁଅନ୍ତି। ଯୁବକ ଯୁବତୀ ଏପରିକି ଉଚ୍ଚଶିକ୍ଷିତ ମେଧାବୀମାନଙ୍କ ମଧ୍ୟରେ ଆତ୍ମହତ୍ୟାର ପ୍ରବଣତା ଦିନକୁ ଦିନ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ଏବେ ରାଜ୍ୟରେ ଆରଆଇ, ଅମିନ, ଆଇସିଡିଟିସି ସୁପରଭାଇଜର, ଷ୍ଟାଟିଷ୍ଟିକାଲ ଫିଲ୍ଡ ସର୍ଭେୟର ପାଇଁ ହେଉଥିବା ପରୀକ୍ଷାରେ ଯାହା ଘଟିଛି ତାହାକୁ କେବଳ ନିଚ୍ଛକ ଅନିୟମିତତା ବା ଅରାଜକତା କହିଲେ ଯଥେଷ୍ଟ ହେବ ନାହିଁ। ସରକାର ଓ ପ୍ରଶାସନର ରାଜ୍ୟର ଲକ୍ଷ ଲକ୍ଷ ଯୁବକ ଯୁବତୀମାନଙ୍କ ପ୍ରତି ଏହା ଏକ ଚରମ ଦାୟିତ୍ୱହୀନ, ଅନୈତିକ ଓ ଅମାନବିକ ଆଚରଣ। ପରୀକ୍ଷା ନାଁରେ ଯେଉଁ ପ୍ରହସନ ହେଲା, ଦୁର୍ନୀତିକୁ ସରକାରୀଭାବେ ପ୍ରଶ୍ରୟ ଦିଆଗଲା ତା' ବୋଧହୁଏ ଅତୀତର ସବୁ ରେକର୍ଡକୁ ଟପି ଯାଇଛି।

ଏହି ପରୀକ୍ଷା ପାଇଁ ୫ଲକ୍ଷ ୫୦ହଜାରରୁ ଅଧିକ ଆଶାୟୀ ଯୁବକ ଯୁବତୀ ଆବେଦନ କରିଥିଲେ। ନିର୍ଦ୍ଧାରିତ ଯୋଗ୍ୟତାଠାରୁ ବି ବହୁ ଉଚ୍ଚ ଯୋଗ୍ୟତା ସଂପନ୍ନ ଏପରିକି ପିଏଚ୍‌ଡି ଡିଗ୍ରୀଧାରୀମାନେ ବି ଆବେଦନ କରିଥିଲେ। ଏହାର ପ୍ରିଲିମିନାରୀ ପରୀକ୍ଷା ସେପ୍ଟେମ୍ବର ୨୦ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୮ତାରିଖ ପର୍ଯ୍ୟନ୍ତ ଏକ ଲମ୍ବା ସମୟ ଧରି ଚାଲିଥିଲା। ପରୀକ୍ଷା ଦିନକୁ ୩

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

ଭିତର ପୃଷ୍ଠାରେ

★ ଧନକୁବେର ମାନଙ୍କର ବିଶ୍ୱସ୍ତ ପ୍ରତିନିଧି ଟ୍ରମ୍ପ : ଆମେରିକାରେ ସାଧାରଣ ଲୋକଙ୍କର ଆଶା କରିବାର କିଛି ନାହିଁ।

★ ସରକାରୀ ପ୍ରତିଶୃତିର ବନ୍ୟା ବନାମ ଖାଦ୍ୟ ବଜାରରେ ନିଆଁ

# ଧନକୁବେର ମାନଙ୍କର ବିଶ୍ୱସ୍ତ ପ୍ରତିନିଧି ଟ୍ରମ୍ପ : ଆମେରିକା ବା ଭାରତର ସାଧାରଣ ଲୋକଙ୍କର ଆଶା କରିବାର କିଛି ନାହିଁ।

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟରେ ଅନେକ ଲୋକ ବିସ୍ମିତ ହୋଇଛନ୍ତି। ନିର୍ବାଚନୀ ବିଶେଷଜ୍ଞମାନେ ଖୁବ୍ ବେଶୀରେ କଡା ଟକ୍କର ହେବ ବୋଲି ପୂର୍ବାନୁମାନ କରୁଥିଲେ। ଟ୍ରମ୍ପଙ୍କର ଏହି ଧରଣର ବିପୁଳ ବିଜୟ ହେବ ବୋଲି କେହି ଭାବି ନଥିଲେ। ଅଥଚ ଆମେରିକାରେ ଟ୍ରମ୍ପଙ୍କ ବିଜୟର ଲକ୍ଷଣ ଅତ୍ୟନ୍ତ ସ୍ୱଷ୍ଟ ଥିଲା। ଅନେକ ବିଶେଷଜ୍ଞ ସେହି ସ୍ୱଷ୍ଟ ଲକ୍ଷଣକୁ ପଢିପାରି ନଥିଲେ।

ମୂଲ୍ୟବୃଦ୍ଧି, ବେକାରିତ୍ୱରେ ମାର୍କିନ ଜନସାଧାରଣ ଜର୍ଜରିତ। କୋଭିଡ ମହାମାରୀର ଭୟଙ୍କର ଆକ୍ରମଣରେ ବିଧ୍ୱଂସ୍ତ ଅର୍ଥନୀତିର ବୋଝ ଜନସାଧାରଣଙ୍କୁ ଚାପି ଧରିଛି। ମଣିଷ ଏଥିରୁ ମୁକ୍ତି ଚାହୁଁଛି। କିଏ ମୁକ୍ତି ଦେବ? ପ୍ରେସିଡେ ବାଇଡେନଙ୍କ ଶାସନ କାଳରେ ତ ଲୋକଙ୍କ ଅବସ୍ଥା ଏହିଭଳି ହୋଇଛି। ଜନସାଧାରଣଙ୍କ ରକ୍ଷାକ ର୍ା ଭାବରେ ଟ୍ରମ୍ପ ଆବିର୍ଭୂତ ହେଲେ। ଘୋଷଣାକଲେ ବାଇଡେନ ସରକାର ହିଁ ଲୋକଙ୍କର ଏହି ଦୁରାବସ୍ଥା ପାଇଁ ଦାୟୀ। ମତେ ବିଜୟୀ କଲେ, ମୁଁ ତୁମର ସମସ୍ତ ସମସ୍ୟାର ସମାଧାନ କରିଦେବି। ଲୋକ ଟ୍ରମ୍ପଙ୍କର ପୂର୍ବ ପାଳିର ଶାସନ କାଳରେ ସେମାନଙ୍କ ଦୁର୍ଦ୍ଦଶା କଥା ଭୁଲିଗଲେ।

**ପ୍ରତିଶୃତିର ଫୁଲଝରୀ –**

ଟ୍ରମ୍ପ ଘୋଷଣାକଲେ, ଆମେରିକାବାସୀଙ୍କ ବେକାରୀତ୍ୱ ପାଇଁ ଦାୟୀ ହେଉଛନ୍ତି ଅବୈଧ ଅନୁପ୍ରବେଶକାରୀ। ସେ ବିଜୟୀ ହେଲେ ଅବୈଧ ଅନୁପ୍ରବେଶକାରୀମାନଙ୍କୁ ଗଳା ଧକ୍କା ଦେଇ ବାହାର କରିଦେବେ। ଏହି ଘୋଷଣାରେ ଦେଶର ବିରାଟ ବେକାର ବାହିନୀ ଅତ୍ୟନ୍ତ ପ୍ରୀତ ହେଲେ। ଟ୍ରମ୍ପ ଘୋଷଣାକଲେ ଆମେରିକା ଆମେରିକୀୟ ମାନଙ୍କ ପାଇଁ। ଗ୍ରାମାଂଚଳର ଶ୍ୱେତାଙ୍ଗ କୃଷକମାନେ, ସହରର ଶ୍ରମିକମାନେ ଖୁସି ହେଲେ। ଯେଉଁମାନେ ମନେକରନ୍ତି ଯେ ସେମାନଙ୍କ ଆର୍ଥିକ ଦୁରାବସ୍ଥାର କାରଣ ହେଉଛନ୍ତି ଆମେରିକାବାସୀ ଅଶ୍ୱେତ ଲୋକମାନେ। ଶ୍ୱେତାଙ୍ଗମାନେ ଆହୁରି ମଧ୍ୟ ମନେକରନ୍ତି ଯେ ଆମେରିକା ଦେଶଟା ସେମାନଙ୍କର, ଅନ୍ୟମାନେ ବହିରାଗତ। ଯଦିଓ ବାସ୍ତବତା ଠିକ୍ ଓଲଟା। ଟ୍ରମ୍ପ ଆହୁରି ଘୋଷଣା କଲେ ଯେ ଆପଣମାନେ ଟିକସ ଦେଉଛନ୍ତି ଏବଂ ସେହି ଡଲାର ଦେଶର ଉନ୍ନୟନରେ ନଲଗାଇ ବାଇଡେନ ସରକାର ୟୁକ୍ରେନ ଓ ଇସ୍ରାଏଲ ଯୁଦ୍ଧରେ ଖର୍ଚ୍ଚ କରୁଛି। ସେ କ୍ଷମତାସୀନ ହେଲେ ଯୁଦ୍ଧ ବନ୍ଦ କରିବେ। ତାଙ୍କ ସରକାର ଯୁଦ୍ଧପାଇଁ ଟଙ୍କା ଖର୍ଚ୍ଚ କରିବା ବନ୍ଦ କରିବ। ଏହି ଘୋଷଣାରେ ମୂଲ୍ୟବୃଦ୍ଧିରେ ଜର୍ଜରିତ ଦେଶର ସାଧାରଣ ଲୋକ ଖୁସି ହେଲେ। ଖୁସିହେଲେ ପାଲେଷ୍ଟାଇନ ଉପରେ ଇସ୍ରାଏଲ ଏକତରଫା ଆକ୍ରମଣରେ ନିହତ ହଜାର ହଜାର ପାଲେଷ୍ଟାଇନର ସମର୍ଥକ ଗଣତାନ୍ତ୍ରିକ ମନୋଭାବ ସଂପନ୍ନ ଜନସାଧାରଣ। ଟ୍ରମ୍ପ ଘୋଷଣା କରିଥିଲେ ଯେ ସେ କ୍ଷମତାକୁ ଆସିଲେ ଗର୍ଭପାତକୁ ନିଷିଦ୍ଧ କରିବେ। ଏଥିରେ ଖୁସିହେଲେ ରକ୍ଷଣଶୀଳ ଖ୍ରୀଷ୍ଟିୟାନ ସଂପ୍ରଦାୟ। ଟ୍ରମ୍ପ ଦେଶର ଲୋକଙ୍କୁ କହିଲେ ସେମାନଙ୍କର ଦୁରାବସ୍ଥା ପାଇଁ ଦାୟୀ ବାଇଡେନ ସରକାରର ଅର୍ଥନୀତି। ଘୋଷଣାକଲେ ସେ ବିଜୟୀ ହେଲେ ଆମଦାନୀ ଶୁଳ୍କ ବୃଦ୍ଧି କରିବେ। ତା' ଫଳରେ ବିଦେଶୀ ପଣ୍ୟଦ୍ରବ୍ୟ ଦେଶରେ ପ୍ରବେଶ କରିପାରିବ ନାହିଁ। ଦେଶର ଶିଳ୍ପ ଚାଙ୍ଗା ହେବ। ଦେଶର ଲୋକ କାମ ପାଇବେ। ଏହିଭଳି ପ୍ରତିଶୃତିର ବନ୍ୟା ଟ୍ରମ୍ପ ନିର୍ବାଚନୀ ସଭାମାନଙ୍କରେ ବୁହାଇ ଦେଇଥିଲେ। ତାଙ୍କ ବକ୍ତୃତା ଶୁଣି ଖୁସିମନରେ ଫେରୁଥିଲେ ସମସ୍ତ ସ୍ତରର ସଂକଟ ଜର୍ଜରିତ ଜନସାଧାରଣ। ସେମାନେ ହାତଖୋଲି ଟ୍ରମ୍ପଙ୍କୁ ଭୋଟ ମଧ୍ୟ ଦେଇଛନ୍ତି।

**ମାର୍କିନ ଧନକୁବେରମାନେ ଟ୍ରମ୍ପଙ୍କୁ ଘେରି ରହିଛନ୍ତି –**

ମୂଲ୍ୟବୃଦ୍ଧି, ନିଯୁକ୍ତି ସଂକଟ ଓ ଆର୍ଥିକ ବୈଷମ୍ୟ ଚଳିତ ନିର୍ବାଚନରେ ଆମେରିକାର ଭୋଟରମାନଙ୍କ ସମ୍ମୁଖରେ ମୁଖ୍ୟ ପ୍ରସଙ୍ଗ ଥିଲା। ଏହି ପ୍ରସଙ୍ଗଗୁଡିକ ହିଁ ଟ୍ରମ୍ପ ଖୁବ୍ ଜୋରରେ ଉଠାଇଥିଲେ। ବାସ୍ତବରେ ଏହି ନିର୍ବାଚନରେ ପରାଜିତ ପ୍ରାର୍ଥୀ କମଳା ହ୍ୟାରିସଙ୍କ ଡେମୋକ୍ରାଟିକ୍ ଦଳ ଓ ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ଦଳ ଉଭୟ ଦଳ ହିଁ ହେଉଛି ମାର୍କିନ ଏକଚାଟିଆ ପୁଞ୍ଜିର ଅତ୍ୟନ୍ତ ବିଶ୍ୱସ୍ତ ଓ ସ୍ୱାର୍ଥରକ୍ଷାକାରୀ ଦଳ। ସେଥିପାଇଁ ମାର୍କିନ ଏକଚାଟିଆ ପୁଞ୍ଜିପତିମାନେ ଏହି ଦୁଇ ଦଳର ନିର୍ବାଚନୀ ପାଣ୍ଠିକୁ ବିପୁଳ ପରିମାଣର ଚାନ୍ଦା ଦିଅନ୍ତି। ମାତ୍ର ସଂକଟ ଜର୍ଜରିତ, ଋଣଗ୍ରସ୍ତ, ମାନ୍ଦା ଆକ୍ରାନ୍ତ ମାର୍କିନ ପୁଞ୍ଜିପତି ଶ୍ରେଣୀ ପାଇଁ ଜଣେ 'ଶକ୍ତିଶାଳୀ' ପୁରୁଷଙ୍କର ଆବଶ୍ୟକତା ରହିଥିଲା। ଯେ କି ଗଣତନ୍ତ୍ର ପ୍ରତି ଖାତିର କରନ୍ତି ନାହିଁ, ଯେ କି ସଂକଟଗ୍ରସ୍ତ ଜନସାଧାରଣଙ୍କୁ ନାନା ଧରଣର ମିଥ୍ୟା ପ୍ରତିଶୃତି ଦେଇ ମୋହଗ୍ରସ୍ତ କରିପାରିବେ, ଧନକୁବେର ମାନଙ୍କୁ ହାତ ଖୋଲା କର ଛାଡ କରିପାରିବେ ଏବଂ ସେମାନଙ୍କ ପାଇଁ ରାଷ୍ଟ୍ରୀୟ ସହାୟତାରେ ସ୍ୱର୍ଗରାଜ୍ୟ ଗଢିଦେଇ ପାରିବେ। ସେଥିପାଇଁ ରିପବ୍ଲିକାନ ଦଳର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ସେମାନଙ୍କ ପାଇଁ ଉପଯୁକ୍ତ ପ୍ରାର୍ଥୀ ଥିଲେ ଏବଂ ସେମାନଙ୍କର ସମସ୍ତ ପ୍ରକାର ସହାୟତା ଲାଭ କରିଥିଲେ। ତେଲ, ଔଷଧ ଏବଂ ପ୍ରଯୁକ୍ତି କ୍ଷେତ୍ରର ଦାନବୀୟ କର୍ପୋରେଟ୍ ମାନେ ଟ୍ରମ୍ପଙ୍କ ପ୍ରଚାରରେ ଅସମ୍ଭବ ପରିମାଣର ଅର୍ଥ ଖର୍ଚ୍ଚ କରିବାକୁ ଲାଗିଲେ। ଆମେରିକାର ତୁଙ୍ଗ ଧନକୁବେର, ସାମାଜିକ ଗଣମାଧ୍ୟମ ଏକ୍ସ(ପୂର୍ବରୁ ଟୁଇଟର) ଏବଂ ଟେସଲାର ମାଲିକ ଏଲେନ ମସ୍କ ଯେଭଳି ଟ୍ରମ୍ପଙ୍କ ପ୍ରଚାର ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରିଛନ୍ତି ସେହିଭଳି ତାଙ୍କ ପ୍ରଚାରରେ ମଧ୍ୟ ଖୋଲା ଖୋଲି ଅଂଶଗ୍ରହଣ କରିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶିତ ହେଉ ହେଉ ମସ୍କଙ୍କ କମ୍ପାନୀଗୁଡିକର ସେୟାର ମୂଲ୍ୟ ହୁ ହୁ ହୋଇ ବଢିବାରେ ଲାଗିଲା। ଆଉ ଜଣେ ଧନକୁବେର ଜେଫ୍ ବେଜାସେରଙ୍କର ସେୟାର ମୂଲ୍ୟ ମଧ୍ୟ ବଢିଛି। ଅର୍ଥାତ୍ ଜନସାଧାରଣଙ୍କ ପାଇଁ ଦରଦାମ ହ୍ରାସ ନପାଇଲେ ମଧ୍ୟ, କର୍ମ ସଂସ୍ଥାନର କୌଣସି ସୁଯୋଗ ସୃଷ୍ଟି ନହେଲେ ମଧ୍ୟ ମାର୍କିନ ଧନକୁବେର ମାନଙ୍କର ସଂପଦ ବ ର୍ମାନ ହିଁ ହୁ ହୁ ହୋଇ ବଢିବା ଆରମ୍ଭ ହୋଇଛି। ସେଥିପାଇଁ ଟ୍ରମ୍ପ ଯେତେବେଳେ ନିର୍ବାଚନୀ ପ୍ରଚାରରେ 'ପୁଣି ଥରେ ଆମେରିକାକୁ ମହାନ କର'(Make America Great Again) ସ୍ଲୋଗାନ ଦେଉଥିଲେ ବେକାରୀ, ଗରିବି, ବୈଷମ୍ୟ, ଶିକ୍ଷା ଓ ଚିକିତ୍ସା ନ ମିଳିବା ଭଳି ସମାଜର ମୌଳିକ ସମସ୍ୟାଗୁଡିକ ପାଇଁ କୃଷ୍ଣକାୟ ଓ ଅବୈଧ ପ୍ରବାସୀମାନଙ୍କୁ ଦାୟୀକରି ବିଜ୍ଞାନ ବିରୋଧୀ, ଯୁକ୍ତିହୀନ, ଦକ୍ଷିଣପନ୍ଥୀ, ବର୍ଣ୍ଣବିଦ୍ୱେଷୀ, ଆଧିପତ୍ୟବାଦୀ ପ୍ରଚାର କରି ଦେଶର ଶ୍ୱେତାଙ୍ଗ ସମାଜର ବ୍ୟାପକ ସଂଖ୍ୟକ ବଂଚିତ କ୍ଷୁବ୍ଧ ଜନସାଧାରଣଙ୍କୁ କ୍ରମାଗତ ଉେ ଜିତ କରୁଥିଲେ। ଏଥିରେ ତାଙ୍କ ସଂପୂର୍ଣ୍ଣ ସହାୟତା କରିଛି କର୍ପୋରେଟ୍ ପରିଚାଳିତ ଗଣମାଧ୍ୟମ। ସେହି ପ୍ରଚାରରେ ପ୍ରଭାବିତ ହୋଇ ସାଧାରଣ ଲୋକ ମନେ କରିଛନ୍ତି ଯେ ଟ୍ରମ୍ପର ଅର୍ଥ ହେଉଛି ସମସ୍ତ ସମ୍ୟାର ସମାଧାନ।

**କେବଳ ମିଥ୍ୟା ପ୍ରଚାର –**

ଟ୍ରମ୍ପ କିଭଳି ଭାବରେ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବେ, କିଭଳି ନୂଆ କର୍ମସଂସ୍ଥାନ ସୃଷ୍ଟି କରିବେ, ବା କିଭଳି ପୁନର୍ବାର ଆମେରିକାର 'ହୃତଗୌରବ' ଫେରାଇ ଆଣିବେ ସେ ସଂପର୍କରେ ତାଙ୍କ ନିର୍ବାଚନୀ ଭାଷଣରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ନଥିଲା। ଆମେରିକା ଯେତେ ଧନୀ ଦେଶ ହେଲେ ମଧ୍ୟ ବାସ୍ତବରେ ବିଭତ୍ସ ଆର୍ଥିକ ଅସାମ୍ୟ, ବ୍ୟାପକ ବେକାରୀ ଏବଂ ଚରମ ଦାରିଦ୍ର୍ୟ ଭଳି ଯେଉଁ ସବୁ ସମସ୍ୟା ଗୁଡିକ ମାର୍କିନ ସମାଜରେ ଛାଇ ଯାଇଛି ସେସବୁର ସମାଧାନ ବ ର୍ମାନର ମରଣମୁଖୀ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାକୁ ବଳବ ର ରଖି କାହାରି ପକ୍ଷରେ କରିବା ସମ୍ଭବ ନୁହେଁ। ପୁଞ୍ଜିବାଦର ନିୟମରେ ହିଁ ବାଇଡେନ ଶାସନ ବିରୁଦ୍ଧରେ ସାଧାରଣ ଲୋକ କ୍ଷୁବ୍ଧ ହୋଇଛନ୍ତି। ବ୍ୟାପକ ମୂଲ୍ୟବୃଦ୍ଧି, ବେକାରିତ୍ୱ, ଛଟେଇ, ଦାରିଦ୍ର୍ୟ ବୃଦ୍ଧି, ପୁଞ୍ଜିପତି ଶ୍ରେଣୀର ବ୍ୟାପକ ସଂପଦ ବୃଦ୍ଧି, ସମଗ୍ର ସମାଜରେ ଅପରାଧ ପ୍ରବଣତା ବୃଦ୍ଧି ପ୍ରଭୃତି ସାଧାରଣ ଲୋକଙ୍କୁ ବାଇଡେନ ଶାସନ ବିରୋଧୀ କରିଛି। ମାତ୍ର ମୂଳ ନୀତିଗତ କ୍ଷେତ୍ରରେ ଯେହେତୁ ବାଇଡେନ ଶାସନ ସହିତ ଟ୍ରମ୍ପ ଶାସନର କୌଣସି ପାର୍ଥକ୍ୟ ନାହିଁ ସେଥିପାଇଁ ଜନଜୀବନର ସମସ୍ୟାଗୁଡିକୁ ସମାଧାନ କରିବା କ୍ଷେତ୍ରରେ ବାଇଡେନଙ୍କ ଭଳି ଟ୍ରମ୍ପ ମଧ୍ୟ ଅକ୍ଷମ ହେବେ। ଚରମ ଦକ୍ଷିଣପନ୍ଥୀ ଟ୍ରମ୍ପ ଶାସନ କାଳରେ ଏହି ସମସ୍ୟାଗୁଡିକ ଆହୁରି ତୀବ୍ର ହେବ ଏବଂ ଖୁବଶୀଘ୍ର ଟ୍ରମ୍ପଙ୍କ ପ୍ରତି ଜନସାଧାରଣଙ୍କ ମୋହଭଙ୍ଗ ହେବ। ମାତ୍ର ସମସ୍ୟାବଳୀର ମୂଳ କାରଣ ଯେ ପୁଞ୍ଜିବାଦୀ ଶୋଷଣ ଜନସାଧାରଣ ଯଦି ଏହି ସତ୍ୟଟି ବୁଝି ନପାରନ୍ତି ସେମାନେ ଯଦି ମାର୍କିନ ପୁଞ୍ଜିପତି ଶ୍ରେଣୀର ସାମ୍ରାଜ୍ୟବାଦୀ ଚରିତ୍ରକୁ ବୁଝି ନପାରନ୍ତି ତା'ହେଲେ ଟ୍ରମ୍ପଙ୍କ ବିରୁଦ୍ଧରେ ଜନସାଧାରଣଙ୍କ ଅସନ୍ତୋଷ ଯେତେବେଳେ ବଢିବାକୁ ଲାଗିବ, ଏହି ପୁଞ୍ଜିପତି ମାନେ ହିଁ ଟ୍ରମ୍ପଙ୍କୁ ଛାଡି ଡେମୋକ୍ରାଟ ମାନଙ୍କ ସପକ୍ଷରେ ପ୍ରଚାର କରି ସେମାନଙ୍କ ଗ୍ରହଣ ଯୋଗ୍ୟତା ବୃଦ୍ଧିକରି ଚାଲିବେ। ଏହି ପ୍ରଚାରରେ ସାଧାରଣ ମଣିଷ ପୁନର୍ବାର ବିଭ୍ରାନ୍ତ ହେବେ। ସମଗ୍ର ପୁଞ୍ଜିବାଦୀ ଦୁନିଆରେ ଏହା ହିଁ ଘଟିଚାଲିଛି। ସଂସଦୀୟ ପୁଞ୍ଜିବାଦୀ ଗଣତନ୍ତ୍ରର ଏହା ହିଁ ବୈଶିଷ୍ଟ୍ୟ।

**ଶାନ୍ତିର ମିଥ୍ୟା ଆଶ୍ୱାସନା –**

ଟ୍ରମ୍ପ ମୁହଁରେ ଯେତେ ଶାନ୍ତିର କଥା କୁହନ୍ତୁନା କାହିଁକି ବାସ୍ତବରେ ଶାନ୍ତି ପ୍ରତିଷ୍ଠା ତାଙ୍କର କାମ ନୁହେଁ। ସଂକଟଗ୍ରସ୍ତ ମାର୍କିନ ପୁଞ୍ଜିପତି ଶ୍ରେଣୀପାଇଁ ଶାନ୍ତି ହେଉଛି ବାସ୍ତବରେ ଆତ୍ମହତ୍ୟା। କାରଣ ଅସ୍ତ୍ର ଉତ୍ପାଦନ ଓ ଅସ୍ତ୍ର ବ୍ୟବସାୟ ବ ର୍ମାନ ମାର୍କିନ ଅର୍ଥନୀତିର ମୂଳ ଚାଳିକା ଶକ୍ତି। ସେଥିପାଇଁ ଭୋଟ ପ୍ରଚାର ସମୟରେ ଟ୍ରମ୍ପ ଯେତେ ଶାନ୍ତିର ବାଣୀ ଶୁଣାଇଲେ ମଧ୍ୟ ସେଥିରେ ଅସ୍ତ୍ର ଉତ୍ପାଦନକାରୀ ମାର୍କିନ ଧନକୁବେରମାନେ ଯେଭଳି ବିଭ୍ରାନ୍ତ ହୋଇଛନ୍ତି ସେହିଭଳି ତାଙ୍କ ବିଜୟରେ ଯୁଦ୍ଧଖୋର ଇସ୍ରାଏଲର ଶାସକମାନେ ମଧ୍ୟ ଉଲ୍ଲସିତ ହୋଇଛନ୍ତି। ୟୁକ୍ରେନ୍‌ର ରାଷ୍ଟ୍ରପତି ଜେଲେନେସ୍କି ଇତିମଧ୍ୟରେ ହିଁ ଯୁଦ୍ଧ ପାଇଁ ସମସ୍ତ ପ୍ରକାର ସହାୟତା ବଳବ ର ରଖିବାପାଇଁ ଟ୍ରମ୍ପଙ୍କ ପାଖରୁ ପ୍ରତିଶୃତି ପାଇଛନ୍ତି। ପୁଣି ଏହି ନିର୍ବାଚନରେ ଟ୍ରମ୍ପଙ୍କର ସବୁଠାରୁ ବଡ ଆର୍ଥିକ ସହାୟତାକାରୀ ମାର୍କିନ ଧନକୁବେର ଏଲନ ମସ୍କ ୟୁକ୍ରେନକୁ ସାଟେଲାଇଟ ଇ ରନେଟ୍ ପରିସେବା ଯୋଗାଇ ଦେବାପାଇଁ ପ୍ରତିଶୃତି ହୋଇଛନ୍ତି। ସୁତରାଂ, ଯୁଦ୍ଧ ବନ୍ଦ କରିବାର ଉପାୟ ଟ୍ରମ୍ପଙ୍କ ପାଖରେ ନାହିଁ କିମ୍ବା ସେଥିପାଇଁ ତାଙ୍କର ଇଚ୍ଛା ନାହିଁ। ଯୁଦ୍ଧ ବନ୍ଦ କରିବାପାଇଁ ପ୍ରକୃତରେ ଇଚ୍ଛା କରିଥିଲେ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବରେ ନିର୍ବାଚିତ ହିଁ ହୋଇପାରିନଥାନ୍ତେ।

**ନୂତନ କର୍ମସଂସ୍ଥାନ ସୃଷ୍ଟିର ମିଥ୍ୟା ପ୍ରତିଶୃତି –**

କୃଷ୍ଣକାୟ ଓ ବହିରାଗତ ମାନଙ୍କ ବିରୁଦ୍ଧରେ ବିଷୋଦ୍‌ଗାର କରି କିମ୍ବା ମେକ୍ସିକୋ ସୀମାରେ ପାଚେରୀ ନିର୍ମାଣକରି ଆମେରିକାର ବେକାରୀ ସମସ୍ୟାର ସମାଧାନ କରାଯାଇ ପାରିବ ନାହିଁ। ମେକ୍ସିକୋ ବା ଅନ୍ୟାନ୍ୟ ଦେଶରୁ ଆମେରିକାରେ ପ୍ରବେଶ କରୁଥିବା ଅବୈଧ ଅନୁପ୍ରବେଶକାରୀମାନେ ହେଉଛନ୍ତି ମୂଳତଃ କୃଷି ଶ୍ରମିକ। ସେମାନେ ଖାଦ୍ୟ ପ୍ରକ୍ରିୟାକରଣ ଭଳି କାମରେ ନିଯୁକ୍ତ ହୁଅନ୍ତି, ଯେଉଁ କାମ ସାଧାରଣତଃ ସ୍ଥାନୀୟ ଶ୍ୱେତାଙ୍ଗ ଲୋକମାନେ କରନ୍ତି ନାହିଁ। ଅର୍ଥାତ୍ ନିଜର ପ୍ରୟୋଜନ ପାଇଁ ହିଁ ଆମେରିକୀୟ ମାନେ ଏହି ଅବୈଧ ଅନୁପ୍ରବେଶକାରୀ ମାନଙ୍କୁ କାମରେ ଲଗାନ୍ତି। ଅନ୍ୟଦିଗରେ ଆଇନ ସମ୍ମତ ଭାବରେ ବାହାର ଦେଶରୁ ଆମେରିକାରେ କାମ କରିବାକୁ ଯାଉଥିବା ଲୋକମାନଙ୍କୁ ମାର୍କିନ ପୁଞ୍ଜିପତି ଶ୍ରେଣୀ ସେମାନଙ୍କ ପ୍ରୟୋଜନରେ ହିଁ ଆମେରିକା ଆମନ୍ତ୍ରଣ କରନ୍ତି। ବାସ୍ତବରେ କର୍ମସଂସ୍ଥାନର ମୂଳ ସମସ୍ୟାଟି ଅନେକ ଗଭୀରରେ ରହିଛି। ପୁଞ୍ଜିବାଦୀ ବ୍ୟବସ୍ଥା ମଧ୍ୟରେହିଁ ଏହାର କାରଣ ରହିଛି। ବିଶ୍ୱବ୍ୟାପୀ ପୁଞ୍ଜିବାଦୀ ବଜାରରେ ପ୍ରବଳ ସଂକଟ ଚାଲିଛି। ଚୀନ, ଜାପାନ, ଋଷିଆ ଭଳି ପ୍ରତିଦ୍ୱନ୍ଦ୍ୱୀ ସାମ୍ରାଜ୍ୟବାଦୀ ପୁଞ୍ଜି ପ୍ରବଳ ବାଧା ଭାବରେ ମାର୍କିନ ପୁଞ୍ଜିବଜାର ସମ୍ମୁଖରେ ଅବିର୍ଭୁତ ହୋଇଛି। ଏହି ଗଳାକଟା ପ୍ରତିଯୋଗିତାରେ ତିଷ୍ଠି ରହିବାପାଇଁ ବିଭିନ୍ନ ଖାଉଟି ସାମଗ୍ରୀର ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବାପାଇଁ ସମଗ୍ର ବିଶ୍ୱକୁ ଆମେରିକା କାମ ଆଉଟ୍‌ସୋର୍ସିଂ କରୁଛି। ଏହାବ୍ୟତୀତ ଶସ୍ତା କୁଶଳୀ କର୍ମଚାରୀ ବୈଧ ଭାବରେ ବିଭିନ୍ନ ଦେଶରୁ ଆମେରିକା ଯାଉଛନ୍ତି। ଏହା ମାର୍କିନ ଏକଚାଟିଆ ପୁଞ୍ଜିପତିଙ୍କ ସ୍ୱାର୍ଥରେ ହେଉଛି। ଏହାଫଳରେ ମାର୍କିନ ଶ୍ରମିକମାନେ କାମ ହରାଉଛନ୍ତି। ସେଥିପାଇଁ ସେ ଉତ୍ପାଦନ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେବେ, ଆମଦାନୀ ଶୁଳ୍କ ବୃଦ୍ଧିକରି ବିଦେଶୀ ପଣ୍ୟ ଆମେରିକାରେ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇବେ, ଟ୍ରମ୍ପ ଯେତେ କହିଲେ ବି, ସେସବୁ କରିବା ଟ୍ରମ୍ପଙ୍କ ପକ୍ଷରେ ସମ୍ଭବ ହେବନାହିଁ। ଆମେରିକା ଶୁଳ୍କ ବୃଦ୍ଧିକରି ବାଣିଜ୍ୟ ପ୍ରାଚୀର ଠିଆକଲେ ଏହାର ପ୍ରତିଦ୍ୱନ୍ଦ୍ୱୀ ସାମ୍ରାଜ୍ୟବାଦୀ ଦେଶଗୁଡିକ ମଧ୍ୟ ସେହି ରାସ୍ତାରେ ପାଦଦେବେ। ଏହାଫଳରେ ମାର୍କିନ ପଣ୍ୟ ରପ୍ତାନୀ ହ୍ରାସ ପାଇବ। ତା' ଛଡା ଆଜିର ଦିନରେ ବାଣିଜ୍ୟ ପ୍ରାଚୀର ଠିଆକରି ଦେଶରେ ଶସ୍ତାପଣ୍ୟ ପ୍ରବେଶକୁ ଆଉ ରୋକି ହେବନାହିଁ। ସେଭଳି କରାଯାଇ ପାରୁଥିଲେ ବାଇଡେନ ପ୍ରଶାସନ ମଧ୍ୟ ସେଥିପାଇଁ ଉଦ୍ୟମ କରିଥାନ୍ତା। ଏହି ପୁଞ୍ଜିବାଦୀ ଶାସକମାନେ ଆଜି ଏଭଳି ସଂକଟରେ ପଡିଛନ୍ତି ଯେ ସେମାନଙ୍କର ବହୁପ୍ରଚାରିତ ଜଗତିକରଣ ତ ୍ୱର ବିରୁଦ୍ଧରେ ଯାଇ ବ ର୍ମାନ ବାଣିଜ୍ୟ ପ୍ରାଚୀର ଠିଆ କରିବାର ଧମକ ନେଉଛନ୍ତି।

**ଶୋଷଣ ଆହୁରି ନିର୍ମମ ହେବ –**

ଏଠାରେ ଆମେ ସ୍ୱଷ୍ଟ କରିଦେବାକୁ ଚାହୁଁ ଯେ ଟ୍ରମ୍ପଙ୍କର ଦ୍ୱିତୀୟ ଥରର ଏହି ବିଜୟ ମାର୍କିନ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ନିର୍ମମ ହେବାକୁ ବାଧ୍ୟ। ବର୍ଣ୍ଣ ବିଦ୍ୱେଷ, ନାରୀ ବିଦ୍ୱେଷ ଆହୁରି ବୃଦ୍ଧି ପାଇବ। ଗଣତନ୍ତ୍ର ପରିବର୍ ସ୍ୱେରାଚାର ଆହୁରି ଶକ୍ତିଶାଳୀ ହେବ। ନବ୍ୟ ଫାସିଷ୍ଟ ମାନଙ୍କର ଉତ୍‌ଥାନ ଆହୁରି ଦ୍ରୁତ ହେବ। ନଗ୍ନ ପୁରୁଷତାନ୍ତ୍ରିକ ଟ୍ରମ୍ପଙ୍କ ଶାସନରେ ଆମେରିକାର ମହିଳାମାନେ ଆହୁରି ଅଧିକ ବିଦ୍ୱେଷର ଶୀକାର ହେବେ, ମହିଳା ମାନଙ୍କର ସ୍ୱାଧୀନତା ଆହୁରି ଖର୍ବ ହେବ। ଗର୍ଭପାତ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଧନକୁବେର ମାନଙ୍କର . . .

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ନିଷିଦ୍ଧ କରିବା ସପକ୍ଷରେ ଟ୍ରମ୍ପଙ୍କର ଯୁକ୍ତି ଏହାର ଜ୍ୱଳନ୍ତ ଉଦାହରଣ। ସେହିଭଳି ଜନୈକା ପର୍ଣ୍ଣ ତାରକାଙ୍କ ମୁହଁ ବନ୍ଦ କରିବାପାଇଁ ୧ଲକ୍ଷ ୩୦ହଜାର ଡଲାର ଲାଂଚ ଦେବା ମଧ୍ୟ ଏହାର ପ୍ରମାଣ। ଶ୍ରମଜୀବୀ ଜନସାଧାରଣଙ୍କ ଉପରେ ପୁଞ୍ଜିବାଦୀ ଶୋଷଣ, ନିଷ୍ପେଷଣ, ଆହୁରି ତୀବ୍ର ହେବ। ସାମ୍ରାଜ୍ୟବାଦୀ ଯୁଦ୍ଧ ଇରାକ୍, ଲିବିୟା, ଆଫଗାନିସ୍ଥାନ, ପାଲେଷ୍ଟାଇନ, ସିରିୟା ଭଳି ଆହୁରି ଅନେକ ଦେଶକୁ ଧ୍ୱଂସ ସ୍ତୁପରେ ପରିଣତ କରିବ। ଆହୁରି ଅଧିକ ସଂଖ୍ୟକ ଲୋକ ଯୁଦ୍ଧର ଶୀକାର ହେବେ। ମାର୍କିନ ଆକ୍ରମଣରେ ଦୁର୍ବଳ ଦେଶଗୁଡିକରେ ଗଣତନ୍ତ୍ରର ଯେଉଁ ସମାନ୍ୟ ଅବଶେଷ ରହିଛି ତା' ମଧ୍ୟ ଧ୍ୱଂସ ହେବ। ସାଧାରଣ ମାର୍କିନ ନାଗରିକମାନଙ୍କ ଉପରେ କର ଟିକସ ବୋଝ ଆହୁରି ବଢିବ। ବିପୁଳ କରଛାଡର ସୁଯୋଗ ପାଇବେ ଏଲନ୍ ମସ୍କଙ୍କ ଭଳି ଧନକୁବେର ମାନେ। ଶୁଣିବାକୁ ମିଳୁଛି ଧନକୁବେରମାନଙ୍କର ବିପୁଳ ସମର୍ଥନର ପ୍ରତିଦାନରେ କର୍ପୋରେଟ୍ ଟିକସ ଶତକଡା ୬ଭାଗ ହ୍ରାସ କରିବାପାଇଁ ଇତିମଧ୍ୟରେ ଟ୍ରମ୍ପ ପ୍ରତିଶୃତି ଦେଇଛନ୍ତି।

ପରିବେଶ ପ୍ରଶ୍ନରେ ଟ୍ରମ୍ପଙ୍କର ଦୃଷ୍ଟିଭଙ୍ଗୀ ବିଶ୍ୱ ତାପମାନ ହ୍ରାସ କରିବା କ୍ଷେତ୍ରରେ ପ୍ରବଳ ବାଧା ସୃଷ୍ଟି କରିବ। ଟ୍ରମ୍ପ ମନେକରନ୍ତି ବିଶ୍ୱ ତାପମାନ ବୃଦ୍ଧି କଥାଟା ଏକ ମିଥ୍ୟା ପ୍ରଚାର। ଗତଥର ରାଷ୍ଟ୍ରପତି ଥିଲାବେଳେ ସେ ଏ ସଂକ୍ରାନ୍ତିୟ ପ୍ୟାରିସ ଚୁକ୍ତିରୁ ଆମେରିକାକୁ ପୃଥକ କରିଥିଲେ।

**ଏହା କ'ଣ ଗଣତନ୍ତ୍ରର ସ୍ୱର୍ଗରାଜ୍ୟ –**

ମାର୍କିନ ସମାଜରେ ବିଦ୍ୱେଷର ବୀଜବପନ ଟ୍ରମ୍ପଙ୍କର ବହୁ ପୂର୍ବରୁହିଁ ଆରମ୍ଭ ହୋଇଛି। ତେବେ ପୂର୍ବରୁ ଯେଉଁ ଚକ୍ଷୁ ଲଜ୍ଜା ଥିଲା, ପୁଞ୍ଜିପତି ଶ୍ରେଣୀର ରକ୍ଷାକର୍ତ୍ତା। ସେଇଟିକକ ମଧ୍ୟ ରକ୍ଷା କରିନାହାନ୍ତି। ଖୋଲା ଖୋଲି ଭାବରେ ଶ୍ୱେତାଙ୍ଗ ଆଧିପତ୍ୟବାଦୀ ବର୍ଣ୍ଣବିଦ୍ୱେଷ ଓ ବହିରାଗତ ମାନଙ୍କ ପ୍ରତି ବିଦ୍ୱେଷର ନିଆଁ ଜାଳି ଦେଇଛନ୍ତି। ଟ୍ରମ୍ପ ଖୋଲାଖୋଲି ଭାବରେ ଗଣତନ୍ତ୍ର ବିରୋଧୀ। ୨୦୨୦ ମସିହା ନିର୍ବାଚନରେ ପରାଜିତ ହେବାପରେ ଏହି ନିର୍ବାଚନକୁ ଜାଲ ବୋଲି ଟ୍ରମ୍ପ ଘୋଷଣା କରିଥିଲେ ଏବଂ ବହୁ ନିର୍ବାଚନୀ ମାମଲା ରୁଜୁ କରିଥିଲେ। ତାଙ୍କର ଉତ୍ତେଜନାମୂଳକ ଭାଷଣରେ ଉତ୍କ୍ଷିପ୍ତ ହୋଇ ୨୦୨୧ ମସିହା ଜାନୁଆରୀ ୬ତାରିଖରେ କ୍ୟାପିଟାଲ ହିଲରେ ଅବସ୍ଥିତ ଆମେରିକାର ଆଇନସଭା ଉପରେ, ତାଙ୍କର ବର୍ଣ୍ଣ ବିଦ୍ୱେଷୀ, ଶ୍ୱେତାଙ୍ଗ ଆଧିପତ୍ୟବାଦୀ ସମର୍ଥକମାନେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୬ଜଣ ପୁଲିସ ଅଧିକାରୀ ନିହତ ଓ ୧୭୪ ଜଣ ଆହତ ହୋଇଥିଲେ। ଟ୍ରମ୍ପଙ୍କ ନାମରେ ଫୌଜଦାରୀ ଅଭିଯୋଗ ରହିଛି। ଗଣତନ୍ତ୍ର ଉପରେ ତାଙ୍କର ଏତେ ଆସ୍ଥା ଯେ ଚଳିତ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ସମୟରେ ସେ କହିଥିଲେ ଯେ ଗତଥର ନିର୍ବାଚନରେ ପରାଜିତ ହେବାପରେ ତାଙ୍କର ହ୍ୱାଇଟ୍ ହାଉସ ଛାଡିବା ଉଚିତ ନଥିଲା। ହାୟରେ ଏକଦା ଗଣତନ୍ତ୍ରର ଜନନୀ ସ୍ୱରୂପ ଆମେରିକା ! ଦିନେ ଏହି ଆମେରିକାର ଜଣେ ମହାନ ସନ୍ତାନ ଆବ୍ରାହମ ଲିଙ୍କନ୍ କହିଥିଲେ – ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ହେଉଛି, of the People, by the People and for the People(ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ)। ସେହି ଆମେରିକାରେ ବୁଶ–ଓବାମା–ବାଇଡେନ–ଟ୍ରମ୍ପଙ୍କ ଭଳି ଲୋକମାନେ ମିଳିମିଶି ଲିଙ୍କନ୍‌ଙ୍କର ଏହି ଉକ୍ତିକୁ ପରିବର୍ତ୍ତନ କରିଦେଇଛନ୍ତି। ସେମାନଙ୍କ ପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ହେଉଛି – of the Monopolist, by the Monopolist and for the Monopolist (ଏକଚାଟିଆ ପୁଞ୍ଜିପତିମାନଙ୍କର, ଏକ ଚାଟିଆ ପୁଞ୍ଜିପତି ମାନଙ୍କ ଦ୍ୱାରା ଏବଂ ଏକଚାଟିଆ ପୁଞ୍ଜିପତିମାନଙ୍କ ପାଇଁ)। ଲିଙ୍କନଙ୍କ ଆମେରିକାରେ ଆଜି ଜଣେ ଚୂଡାନ୍ତ ଅଗଣତାନ୍ତ୍ରିକ, ସ୍ୱେରାଚାରୀ, ଲମ୍ପଟ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଛନ୍ତି। ସଭ୍ୟତାର କି ଅଧଃପତନ।

**ଟ୍ରମ୍ପ ଓ ମୋଦିଙ୍କ 'ବନ୍ଧୁତ୍ୱ' ଶ୍ରେଣୀଗତ –**

ବର୍ତ୍ତମାନ ଟ୍ରମ୍ପଙ୍କ ବିଜୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ସଂଘପରିବାର ଓ ଦକ୍ଷିଣ ପନ୍ଥୀ ଅତ୍ୟନ୍ତ ଉଲ୍ଲସିତ। ଟ୍ରମ୍ପଙ୍କ ସହିତ ପୁରୁଣା ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ଲେଖିଛନ୍ତି "ଚାଲନ୍ତୁ ସାଙ୍ଗ ହୋଇ କାମ କରିବା"। ଆମେରିକା ଭଳି ଭାରତରେ ମଧ୍ୟ ଦକ୍ଷିଣପନ୍ଥୀ ଫାସିବାଦୀ ଶକ୍ତିଗୁଡିକୁ ଏକଚାଟିଆ ଧନକୁବେର ଗୋଷ୍ଠୀଗୁଡିକ ମଦଦ ଦେଉଛନ୍ତି। ଦକ୍ଷିଣପନ୍ଥୀ ଦଳ ଓ ଶକ୍ତିଗୁଡିକୁ ଭାରତର ଧନକୁବେରମାନେ ପ୍ରଚାର ଦେଉଛନ୍ତି ହାତଖୋଲା ଆର୍ଥିକ ସହାୟତା ମଧ୍ୟ ଦେଉଛନ୍ତି। ମୋଦି ଓ ତାଙ୍କର ଦଳବଳ ଠିକ ଟ୍ରମ୍ପଙ୍କ ଭଳିହିଁ ଜନଜୀବନର ଜ୍ୱଳନ୍ତ ସମସ୍ୟାଗୁଡିକରୁ ସାଧାରଣ ଲୋକଙ୍କ ଦୃଷ୍ଟି ଅନ୍ୟତ୍ର ଅପସାରିତ କରିବାପାଇଁ ମୁସଲିମ ଅନୁପ୍ରବେଶକୁହିଁ ଦାୟୀ କରନ୍ତି, କୁସଂସ୍କାର, ଉଗ୍ର ଜାତୀୟତାବାଦ, ଧାର୍ମିକ ବିଦ୍ୱେଷ ସୃଷ୍ଟି କରିବାପାଇଁ ଉଦ୍ୟମ କରୁଛନ୍ତି। ସଂକଟ ଜର୍ଜରିତ ସାଧାରଣ ଲୋକଙ୍କ ଐକ୍ୟ ନଷ୍ଟ କରିବାର ଅପଚେଷ୍ଟା କରୁଛନ୍ତି। ବର୍ଣ୍ଣ ବିଦ୍ୱେଷୀ, ସ୍ୱେରାଚାରୀ, ଟ୍ରମ୍ପଙ୍କ ସହିତ ମୋଦିଙ୍କର ଏହି ଆଦର୍ଶଗତ ଐକ୍ୟ, ବାସ୍ତବରେ ହେଉଛି ସେମାନଙ୍କ ମଧ୍ୟରେ ଶ୍ରେଣୀଗତ ଐକ୍ୟ। ଏହି ଶ୍ରେଣୀଗତ ଐକ୍ୟ ହିଁ ସେମାନଙ୍କୁ ପରସ୍ପରର ନିକଟବର୍ତ୍ତୀ କରିଛି।

ଚୀନ ସଂପର୍କରେ ଟ୍ରମ୍ପଙ୍କର କଠୋର ମନୋଭାବ ବିଜେପି ନେତାମାନଙ୍କୁ ଖୁସି କରିଛି। ଯଦିଓ ପ୍ରବାସୀମାନଙ୍କ ସଂପର୍କରେ କଠୋର ମନୋଭାବ ସେଠାରେ କାମକରୁଥିବା ଭାରତୀୟ ଆଇଟି, ପ୍ରଯୁକ୍ତିବିତ୍ ମାନଙ୍କୁ ଅସୁବିଧାରେ ପକାଇପାରେ। ଗତ ଏକ ବର୍ଷ ମଧ୍ୟରେ ୧୧୦୦ ଭାରତୀୟ ଅବୈଧ ପ୍ରବାସୀଙ୍କୁ ଆମେରିକା ସରକାର ଦେଶରୁ ବାହାରକରି ଦେଇଛନ୍ତି। ଆମେରିକା ସରକାର ଏହାକୁ କଡାକଡି କଲେ ଏହି ସଂଖ୍ୟା ବୃଦ୍ଧି ପାଇପାରେ।

ତା'ଛଡା ବର୍ତ୍ତମାନ ଭାରତର ଆମେରିକାରୁ ଆମଦାନୀର ପରିମାଣ ୭୫ ବିଲିୟନ ଡଲାର। ରପ୍ତାନୀ ୧୨୫ ବିଲିୟନ ଡଲାର। ଆମେରିକା ଆମଦାନୀ ଶୁଳ୍କ ବୃଦ୍ଧିକଲେ ଭାରତର ରପ୍ତାନୀ ମାଡ ଖାଇବ। ସେଥିପାଇଁ ଟ୍ରମ୍ପଙ୍କ ବିଜୟରେ ବିଜେପି ନେତାମାନଙ୍କର ଉଲ୍ଲାସ କେତେ ଦିନ ରହିବ ତା' ଭବିଷ୍ୟତ ହିଁ କହିବ। ତେବେ ବାଇଡେନ ଶାସନ କାଳରେ ମୋଦି ସରକାର ମାନବାଧିକାର, ସାଂପ୍ରଦାୟିକତା ଓ ଧର୍ମନିରପେକ୍ଷତା ପ୍ରଶ୍ନରେ ସମାଲୋଚନାର ସମ୍ମୁଖୀନ ହେଉଥିଲା। ତାହା ହୁଏତ ସାମାନ୍ୟ ହ୍ରାସ ପାଇପାରେ।

**ସଂଗ୍ରାମକୁ ବାଦଦେଇ ଶ୍ରମଜୀବୀ ଜନସାଧାରଣଙ୍କର ମୁକ୍ତି ନାହିଁ –**

ସେଥିପାଇଁ ଟ୍ରମ୍ପ ଯେତେ ବିପୁଳ ସମର୍ଥନରେ ବିଜୟୀ ହେଲେ ମଧ୍ୟ ତାଙ୍କଠାରୁ ଆମେରିକାର ସାଧାରଣ ଲୋକ ଓ ଶ୍ରମଜୀବୀ ଜନସାଧାରଣଙ୍କର ପାଇବାର କିଛି ନାହିଁ। ବରଂ ପୂର୍ବରୁ ଯାହା ମିଳୁଥିଲା ତା' ମଧ୍ୟ ସେମାନଙ୍କୁ ହରାଇବାକୁ ପଡିପାରେ। ମୂଲ୍ୟବୃଦ୍ଧି ତୀବ୍ର ହେବ, ଛଟେଇ ବୃଦ୍ଧିପାଇବ, ଦକ୍ଷିଣପନ୍ଥୀ ରାଜନୀତି ଶକ୍ତିଶାଳୀ ହେବ, ବିଦ୍ୱେଷର ବିଷ ଆହୁରି ସଂଚରିତ ହେବ। ଆର୍ଥିକ ବୈଷମ୍ୟ ଆହୁରି ତୀବ୍ର ହେବ। ଅନ୍ୟଦିଗରେ ଗଣତାନ୍ତ୍ରିକାମୀ ଜନସାଧାରଣଙ୍କ ଆନ୍ଦୋଳନ ବିଶ୍ୱବ୍ୟାପୀ ପ୍ରବଳ ବାଧାର ସମ୍ମୁଖୀନ ହେବ। ଆହୁରି ଅଧିକରୁ ଅଧିକ ନିରିହ ମଣିଷ ସାମ୍ରାଜ୍ୟବାଦୀ ଆକ୍ରମଣର ଶୀକାର ହେବେ। ଆମେରିକାରେ ଶୋଷିତ ଜନସାଧାରଣଙ୍କ ପକ୍ଷରୁ ଜୀବନର ଜ୍ୱଳନ୍ତ ସମସ୍ୟା ଗୁଡିକ ନେଇ ତୀବ୍ର ଆନ୍ଦୋଳନ ଗଢିତୋଳିବା ବ୍ୟତୀତ ଶାସକମାନେ ଶୋଷିତ ଜନସାଧାରଣଙ୍କର କୋଣସି ଦାବିପୂରଣ କରିବେ ନାହିଁ।

★★★

## ଆମ୍ବଟାକୁଆ ଜାଉ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ବିଜେପି ସରକାରର ବହୁପ୍ରଚାରିତ ସ୍ୱାଧୀନତାର ଅମୃତକାଳରେ ମଣିଷ ଆମ୍ବଟାକୁଆ ଜାଉ ଖାଇବା, ଖାଇ ଦୟନୀୟଭାବେ ମରିବା କଣ ଏକ ସଭ୍ୟ ସମାଜର ପରିଚୟ ? ଏହା ଲଜ୍ଜାଜନକ ନା ଗୌରବ ଦାୟକ ? ଏହି କଳଙ୍କକୁ ଲୁଚାଇବା ପାଇଁ ସରକାରଙ୍କ ଏତେ ଅପକୌଶଳ ଆପଣେଇବା ପଛରେ କାରଣ କ'ଣ ? ଆମେ ମନେକରୁ ଏହା ହିଁ ଆଲୋଚନାର ବିଷୟ ହେବା ଆବଶ୍ୟକ।

**ସରକାରଙ୍କ ଯୁକ୍ତି ସତ୍ୟର ଅପଳାପ**

ଆମ୍ବଟାକୁଆ ପ୍ରତି ଆଦିବାସୀଙ୍କ ବିଶେଷ ଦୁର୍ବଳତା ପ୍ରସଙ୍ଗରେ – ଜନୈକ ସାମ୍ବାଦିକ ଦୈନିକ ଖବର କାଗଜ 'ସମ୍ବାଦ'ର ଏକ ସ୍ତମ୍ଭରେ ପ୍ରକାଶ କରିଥିବା ନିଜର ଅଭିଜ୍ଞତା ଏଠାରେ ପ୍ରସଙ୍ଗତଃ ଉଲ୍ଲେଖ କରୁଛୁ। "୨୦୦୧ରେ କାଶୀପୁରର ୨୪ ଜଣଙ୍କର ମୃତ୍ୟୁ ପରେ ତତ୍କାଳୀନ ବିଜେଡି–ବିଜେପି ସରକାର ଘୋଷଣା କରିଥିଲେ ଯେଉଁମାନେ ଆମ୍ବଟାକୁଆ ଘରେ ରଖିଛନ୍ତି, ସେମାନେ ତାହା ଆଣି ପଂଚାୟତ ଓ ବ୍ଲକ୍ ଅଫିସରେ ଜମା ଦେଇ ସମାନ ଓଜନର ଚାଉଳ ନେଇପାରିବେ। ଦିନକ ପରେ ଏହି ସ୍ତମ୍ଭକାର ସାମ୍ବାଦିକ ଶହ ଶହ ଆଦିବାସୀଙ୍କୁ ମୁଣ୍ଡରେ ଆମ୍ବଟାକୁଆ ଭରା ଟୋକେଇ ଧରି ପଂଚାୟତ ଓ ବ୍ଲକ୍ ଅଫିସ ଅଭିମୁଖେ ଯାଉଥିବାର ଦେଖିଥିଲେ। ଜଣେ ବୃଦ୍ଧା ମହିଳାଙ୍କୁ ପଚାରିବାରୁ ସେ କହିଥିଲେ ଯେ, 'ସେ ଆମ୍ବଟାକୁଆ ବଦଳରେ ଚାଉଳ ଆଣିବାକୁ ଯାଉଛନ୍ତି, କିନ୍ତୁ ତୁମେମାନେ ପରା ଭାତ ଅପେକ୍ଷା ଟାକୁଆ ଜାଉ ଖାଇବାକୁ ବେଶି ପସନ୍ଦ କର ବୋଲି ସରକାର କହୁଛନ୍ତି ?' ବୃଦ୍ଧା କହିଲେ, 'ଚାଉଳ ଥିଲେ ଆମେ ଆମ୍ବଟାକୁଆ କାହିଁକି ଖାଇବୁ ?' 'ଆମ୍ବ ଟାକୁଆ ଭିତରେ ଶୁଖିଲା ଶସ କୋଇଲିକୁ ଗୁ କରି ଖାଇବା ସେମାନଙ୍କର ଏକ ପାରମ୍ପରିକ ଖାଦ୍ୟ' ବର୍ତ୍ତମାନର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କର ଏହି ରୁଚିହୀନ ମନ୍ତବ୍ୟର ଜବାବ ଦେଇଛନ୍ତି ଦାରିଙ୍ଗବାଡିର ଜଣେ ଯୁବକ। ଗଣମାଧ୍ୟମ ସାମ୍ନାରେ ଆସି ସେ କହିଛନ୍ତି, "ଆମ୍ବ ଟାକୁଆ ଆଦିବାସୀମାନଙ୍କ ପାରମ୍ପରିକ ଖାଦ୍ୟ ନୁହେଁ କି ରୁଚିରେ ବା ଖୁସିରେ ସେମାନେ ଏହା ଖାଉ ନାହାନ୍ତି, ଏହି ଦୁର୍ଗମ ଅଂଚଳରେ ମାସ ମାସ ଚାଉଳ ମିଳେନା। ଅଭାବ ବେଳେ ଖାଦ୍ୟାଭାବରୁ ଆମେ ଆମ୍ବଟାକୁଆ ଖାଉ। ଏହା କେବେବି ଆମର ରୁଚିର ଖାଦ୍ୟ ନଥିଲା।" ତଥାପି ବର୍ତ୍ତମାନର ବିଜେପି ସରକାର ଓ ଏହାର ଭାଟମାନେ ଯେଉଁ ଯୁକ୍ତି ଦେଇଚାଲିଛନ୍ତି ତାକୁ କ'ଣ କୁହାଯିବ; ଅମାନବିକ, ଅନୈତିକ ନା ଆଉ କିଛି ?

ଅନ୍ୟଦିଗରେ ସରକାର ଯୁକ୍ତି ଦେଉଛନ୍ତି ଖାଦ୍ୟାଭାବ ନଥିଲା। ଲୋକମାନଙ୍କ ଘରେ କୁଆଡେ ସରକାରୀ ମାଗଣା ଚାଉଳ ମହଜୁଦ ଥିଲା। ନିଜେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ମାଣ୍ଡିପଙ୍କା ଗାଁରେ ସବୁ ଲୋକଙ୍କୁ ମାଗଣା ଚାଉଳ ମିଳିଛି। ଏ ଅଂଚଳରେ ଖାଦ୍ୟ ସାମଗ୍ରୀ ନାହିଁ ବୋଲି ଯେଉଁମାନେ କହୁଛନ୍ତି ତାହା ସେମାନଙ୍କର ଅନୁମାନ ମାତ୍ର।' କିନ୍ତୁ ମୃତକ ଓ ପୀଡିତ ପରିବାର ତଥା ଗ୍ରାମବାସୀ ଓ ଏ ଅଂଚଳର ଲୋକମାନେ କାନ୍ଦି କାନ୍ଦି ଗଣମାଧ୍ୟମ ସାମ୍ନାରେ କହିଛନ୍ତି, 'ମିଛ କଥା, ଜୁଲାଇ ମାସ ପରଠାରୁ, ୩ମାସ ହେଲା ଚାଉଳ ମିଳି ନାହିଁ। ଏପରିକି ଏ ଅଂଚଳର ଯୋଗାଣ ନୀରିକ୍ଷକ ମଧ୍ୟ ଚାଉଳ ମିଳି ନାହିଁ ବୋଲି କହିଛନ୍ତି। ସମସ୍ତେ ଜାଣନ୍ତି ଆଧାର ଲିଙ୍କ୍ ବିଶେଷ କରି କେଓ୍ୱାଇସି ତଥା ଅନ୍ୟାନ୍ୟ ନୂତନ ସରକାରୀ ନିୟମ ଯୋଗୁ ସମଗ୍ର ରାଜ୍ୟରେ ୩ମାସ ହେଲା ଚାଉଳ ଯୋଗାଣ ବନ୍ଦ ଅଛି। ଦାରିଦ୍ର୍ୟର କରାଳ ରୂପ ଏଭଳି ଗ୍ରାସ କରିଛି ଯେ ଚାରିଆଡେ ଚାଉଳ ଗଣ୍ଡେ ପାଇଁ ହାହାକାର ପଡିଯାଇଛି। ଅସହ୍ୟ ଦରବୃଦ୍ଧି ଯୋଗୁ ତ ଗରିବ ଲୋକ ଏପରିକି ମଧ୍ୟବି , ନିମ୍ନମଧ୍ୟବି ମଧ୍ୟ ବି ଡାଲି ତରକାରୀ ଖାଇବା ଛାଡି ଦେଲେଣି। ବର୍ତ୍ତମାନ ଖାଲି ମୁଠାଏ ଭାତ ପାଇଁ ଲୋକେ କିଭଳି ଡହଳ ବିକଳ ହେଉଛନ୍ତି, ୫କେଜି ଚାଉଳକୁ ଅନାଇ ରହିଛନ୍ତି, ତାହା ନ ଦେଖିଲା ଲୋକ କିଭଳି ବା ବିଶ୍ୱାସ କରିବ। ସ୍ୱାଧୀନତାର ୭୭ବର୍ଷ ପରେ ଦେଶ ଏତେ ବିକାଶ କରିଯାଇଛି ଯେ ଲୋକେ ମୁଠାଏ ଚାଉଳ ପାଇଁ ହା ଅନ୍ନ ହା ଅନ୍ନ ହେଉଛନ୍ତି ! ତେବେ ପ୍ରଶ୍ନ ଉଠେ, ମୁଖ୍ୟମନ୍ତ୍ରୀଙ୍କ କଥା ଅନୁଯାୟୀ ଯଦି ଚାଉଳ ମହଜୁଦ ଅଛି, ତେବେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ସେ ପୁଣି ନଭେମ୍ବର ୧ତାରିଖରୁ ଆଗାମୀ ୩ମାସ ପାଇଁ ଅଗ୍ରୀମ ଚାଉଳ ଦେବାକୁ ଏତେ ତରବରିଆଭାବେ ନିର୍ଦ୍ଦେଶ ଦେଲେ କ'ଣ ପାଇଁ? ଆହୁରି ବି ପ୍ରଶ୍ନ ଉଠିଛି, ମୁଣ୍ଡ ପିଛା ମାସିକ ୫କେଜି ଚାଉଳରେ କ'ଣ ଭୋକ ଦୂର ହୋଇଯିବ ? ସରକାର ଓ ନିଜେ ସ୍ୱୟଂ ମୁଖ୍ୟମନ୍ତ୍ରୀଙ୍କର ଚାଉଳ ମହଜୁଦ ଥିବା କଥାକୁ ଯଦି ମାନି ନିଆଯାଏ ତେବେ ଏହା କ'ଣ ସ୍ୱୀକାର କରିବାକୁ ହେବ ଯେ, ଏହି ଲୋକମାନେ ଖୁସିରେ ଆମ୍ବଟାକୁଆ ଜାଉ ଖାଇ ମରିଛନ୍ତି ବା ଆକ୍ରାନ୍ତ ହୋଇଛନ୍ତି ? ଏମାନେ ମରିବାକୁ ଭଲ ପାଆନ୍ତି ? ଏହି ଅମାନବିକ ଯୁକ୍ତି ଓ ମିଥ୍ୟାଚାରକୁ ସଭ୍ୟ ସମାଜ କେବେ ଗ୍ରହଣ କରିପାରିବ ନାହିଁ।

**ଯାହାବି ରିପୋର୍ଟ ମିଳିଛି ତା' ସାଂଘାତିକ**

ସରକାରୀ ନିୟନ୍ତ୍ରିତ ତଦନ୍ତ ବ୍ୟବସ୍ଥାରେ ଯେ କି ସତ୍ୟ ଉଦ୍‌ଘାଟିତ ହେବ ତା' ମଧ୍ୟ ଜଣାଅଛି। ତେବେ ଇତିମଧ୍ୟରେ ଜନସ୍ୱାସ୍ଥ୍ୟ ଅଧିକାରୀ ଖାଦ୍ୟ ଓ ପାନୀୟ ଜଳ ନମୁନା ପରୀକ୍ଷା ପରେ ପ୍ରକାଶ କରିଥିବା ରିପୋର୍ଟରେ ସତ୍ୟକୁ ସଂପୂର୍ଣ୍ଣ ଲୁଚେଇ ପାରିନାହାନ୍ତି। ସେଥିରୁ ଜଣା ପଡିଛି ଖାଲି ଆମ୍ବ ଟାକୁଆ ଜାଉ ନୁହେଁ, ପାଣି ମଧ୍ୟ ବିଷାକ୍ତ ଥିଲା। ପାଣିରୁ ରୋଗ ସୃଷ୍ଟିକାରୀ ଘାତକ ହାଇଡ୍ରୋଜେନ ସଲଫାଇଡ୍ ମିଳିଛି। ଘରେ ଚାଉଳ ଥାଇ ଲୋକେ ଆମ୍ବ ଟାକୁଆ ଜାଉ ଖାଇଥିଲେ, ସରକାରଙ୍କ ଏହି ଯୁକ୍ତିକୁ ମାନିନେଲୁ। ତେବେ ସରକାର ଜବାବ ଦେବେ କି, ଚାଉଳ ଭଳି ସରକାର ଘରେ ଘରେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଇଥିଲେ ଆଉ ଲୋକେ ଖୁସିରେ ଦୂଷିତ ପାଣି ପିଉଥିଲେ ? ସ୍ୱାଧୀନତାର ୭୭ବର୍ଷ ପରେ ବି ସରକାର ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାରେ ସଂପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି। ଦୂଷିତ ପାଣି ପିଇ ଲୋକେ କିଡନି, ପେଟ ତଥା ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହୋଇଛନ୍ତି, ବିନା ଚିକିତ୍ସାରେ ମରୁଛନ୍ତି ବା ଅନେକ ଚିକିତ୍ସା କରିବାକୁ ଯାଇ ସର୍ବସ୍ୱାନ୍ତ ହେଉଛନ୍ତି। ଏହା ରାଜ୍ୟବାସୀ ମର୍ମେ ମର୍ମେ ଅନୁଭବ କରୁଛନ୍ତି। ଫଳରେ ଦେଶୀ ବିଦେଶୀ କମ୍ପାନୀମାନଙ୍କ ପାଇଁ 'ପାଣି'କୁ କେନ୍ଦ୍ର କରି ଏକ ଲୋଭନୀୟ ବଜାର ସୃଷ୍ଟି ହୋଇପାରିଛି। ଗାଁରୁ ସହର ସବୁଠି ଏହି ବଜାର ସଂପ୍ରସାରଣ ହୋଇଯାଇଛି। ତେବେ ଏହି ରିପୋର୍ଟ ପ୍ରକାଶ କରିବାବେଳେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏତେବଡ ଏକ ବେଦନାଦାୟକ ଘଟଣାକୁ ଅତି ହାଲୁକା ଭାବେ ଗ୍ରହଣ କରି ଅତ୍ୟନ୍ତ କୁରୁଚିକର ଓ ଦାୟିତ୍ୱହୀନ ମନ୍ତବ୍ୟ ଦେଇ କହିଛନ୍ତି, 'ଆମ୍ବଟାକୁଆ ନୁହେଁ, ଯେକୌଣସି ବାସି ଖାଦ୍ୟ ଖରାପ ହୋଇଥାଏ ଓ ଏହା ଖାଇଲେ ଏଭଳି ହୁଏ।' ଅଥଚ ବିଷାକ୍ତ ପାଣି ସଂପର୍କରେ ସେ କିନ୍ତୁ ନିରବ। ତେବେ ସେ ଯା'ହେଉ ଆମର ଜନଦରଦୀ ରାଜ୍ୟ ସରକାର ଇତିମଧ୍ୟରେ ମୃତ ପରିବାରକୁ ୩୦ହଜାର ଓ ଆକ୍ରାନ୍ତଙ୍କ ପରିବାରକୁ ୧୦ହଜାର ଟଙ୍କା ରେଡକ୍ରସ୍

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

# ଉଗ୍ର ଇହୁଦୀବାଦୀ ଇସ୍ରାଏଲର ପାଲେଷ୍ଟାଇନ ଓ ଲେବାନନ ଉପରେ ବର୍ବର୍ ଆକ୍ରମଣ ପ୍ରତିବାଦରେ ରାଜ୍ୟବ୍ୟାପୀ ଯୁଦ୍ଧ ବିରୋଧୀ ଦିବସ ପାଳିତ

ବିଗତ ଏକବର୍ଷରୁ ଅଧିକ ସମୟ ଧରି ସାମ୍ରାଜ୍ୟବାଦୀ ଯୁଦ୍ଧଖୋର ଆମେରିକାର ସହାୟତାରେ ଉଗ୍ର ଇହୁଦୀବାଦୀ ଇସ୍ରାଏଲ ପାଲେଷ୍ଟାଇନ ଓ ଲେବାନନ ଉପରେ ବର୍ବର ଆକ୍ରମଣ ଚଳାଇଛି । ଏହି ଆକ୍ରମଣ ରେ ସମଗ୍ର ଗାଜା ଧ୍ୱଂସ ସ୍ତୁପରେ ପରିଣତ ହୋଇଛି, ୫୦ ହଜାରରୁ ଅଧିକ ନିରୀହ ନିରପରାଧ ମଣିଷ ମୃତ୍ୟୁ ମୁଖରେ ପଡିଛନ୍ତି, ମୃତକ ମାନଙ୍କ ମଧ୍ୟରେ ଅଛନ୍ତି ହଜାର ହଜାର ଶିଶୁ ଓ ମହିଳା । ସମଗ୍ର ବିଶ୍ୱର ଶାନ୍ତିକାମୀ ଯୁଦ୍ଧ ବିରୋଧୀ କୋଟି କୋଟି ଲୋକଙ୍କ ଲଗାତର ପ୍ରତିବାଦ ସତ୍ତ୍ୱେ ଏବଂ ମିଳିତ ଜାତିସଂଘର ସମସ୍ତ ଉଦ୍ୟମ ସତ୍ତ୍ୱେ ଏହି ଗଣହତ୍ୟା ର ଅନ୍ତ ଘଟିନାହିଁ । ଇସ୍ରାଏଲର ଏହି ବର୍ବର କାଣ୍ଡ ପ୍ରତିବାଦରେ ଏସୟୁସିଆଇ (କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟିର ଡାକରାରେ ନଭେମ୍ବର ୪ ତାରିଖରେ ସାରା ଭାରତ ଯୁଦ୍ଧ ବିରୋଧୀ ଦିବସ ପାଳିତ ହୋଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଉପଲକ୍ଷେ ନାନାବିଧ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।




# ସରକାରୀ ପ୍ରତିଶ୍ରୁତିର ବନ୍ୟା ବନାମ ଖାଦ୍ୟ ବଜାରରେ ନିଆଁ

ସାହି, ବସ୍ତି, ଛକ ବଜାର ସବୁଠି ଲୋକଙ୍କ ମଧ୍ୟରେ ଭାଳେଣି ପଡିଯାଇଛି ; ଖାଦ୍ୟ ବଜାରରେ ଯେଉଁ ନିଆଁ ଲାଗିଛି ତା ଲିଭିବ କେବେ ? 'ରାଜ୍ୟରେ ନୂଆକରି ବିଜେପି ଏକାକୀ ସରକାର ଗଠନ କଲା, କେନ୍ଦ୍ରରେ ବି ବିଜେପି ପୁଣି ସରକାରକୁ ଆସିଲା, ଏଥର ଡବଲ ଇଞ୍ଜିନ ସରକାର, ଦରଦାମ ନିଶ୍ଚେ କମିବ, ଲୋକଙ୍କୁ ଟିକେ ଆଶ୍ୱସ୍ତି ମିଳିବ'- ଲୋକଙ୍କର ଏହି ଆଶା ମଉଳି ଯିବାରେ ବେଶି ସମୟ ଲାଗିଲାନି । ସରକାର ବନିବା ପାଇଁ ବି ତର ସହିଲା ନାହିଁ । ଭୋଟ ସରିବା ରାତିରେ ହିଁ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ତଥା ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ଦର ବଢିଗଲା । ପୁଣି ଦେଖାଗଲା ଏହି ସରକାରର ଦିନ ଯେତେ ଗଡୁଛି, ଦରଦାମ ବୃଦ୍ଧି ସେତେ ଦ୍ରୁତ ଲଗାମହୀନ ଭାବେ ବଢୁଛି । ବର୍ତ୍ତମାନ ଯେ ସ୍ଥିତି ଅସମ୍ଭାଳ, ତା' ସମସ୍ତେ ଅଙ୍ଗେ ନିଭାଉଛନ୍ତି । ଲୁଣଠୁ ତେଲ ସବୁଠି ହିଁ ଅସ୍ୱାଭାବିକ ଦରବୃଦ୍ଧି ଘଟିଚାଲିଛି । ଏହି ଏକମାସ ଅର୍ଥାତ୍ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଖାଇବା ତେଲର ଦର ଯେଉଁ ପରିମାଣରେ ବୃଦ୍ଧି ପାଇଛି ତାହା ଦେହ ଥରାଇ ଦେଲା ଭଳି । ସେପ୍ଟେମ୍ବରରେ ପାମ ତେଲ ଲିଟର ପିଛା ୧୦୦ଟଙ୍କା ଥିଲାବେଳେ ଅକ୍ଟୋବରରେ ୧୩୬ଟଙ୍କ । ସେହିଭଳି ସୋରିଷ ତେଲ ୧୪୦ରୁ ୧୮୧, ସୋୟାବିନ ତେଲ ୧୨୦ରୁ ୧୪୮, ସୂର୍ଯ୍ୟମୁଖୀ ତେଲ ୧୨୦ରୁ ୧୪୮ ଟଙ୍କା ହୋଇଛି । କେନ୍ଦ୍ର ସରକାର ସେପ୍ଟେମ୍ବର ମାସରେ ସମସ୍ତ ପ୍ରକାର କଞ୍ଚା ତେଲ ଉପରେ ଆମଦାନୀ ଶୁଳ୍କ ବଢାଇବା ଯୋଗୁ ଏହି ଅସ୍ୱାଭାବିକ ଦରବୃଦ୍ଧି ହୋଇଛି । ପୂର୍ବରୁ ଅଶୋଧିତ ପାମ ଓ ସୂର୍ଯ୍ୟମୁଖୀ ତେଲ ଉପରେ ଆମଦାନୀ ଶୁଳ୍କ ୫.୫ ପ୍ରତିଶତ ଥିବାବେଳେ ଗତ ସେପ୍ଟେମ୍ବର ୧୪ରୁ କେନ୍ଦ୍ର ସରକାର ଏହାକୁ ୧୩.୭ ପ୍ରତିଶତ କରିଛନ୍ତି । ସେହିଭଳି ରିଫାଇନ ତେଲ ଉପରେ ପୂର୍ବରୁ ଆମଦାନୀ ଶୁଳ୍କ ୧୩.୭ ପ୍ରତିଶତ ଥିବାବେଳେ ଏହାକୁ ୩୫.୭ ପ୍ରତିଶତ ବୃଦ୍ଧି କରିଛନ୍ତି ।*(ତଥ୍ୟ ସୂତ୍ର : ସମାଜ, ଅକ୍ଟୋବର ୨୭, ୨୦୨୪)* । ଶୁଣାଯାଉଛି, ଆଗକୁ କୁଆଡେ ଆହୁରି ବଢିବ । ଡାଲି କିଲୋ ୨୦୦ଟଙ୍କା ଛୁଇଁଲାଣି । ଲୋକଙ୍କୁ ସବୁଠାରୁ ଚିନ୍ତାରେ ପକାଇଦେଇଛି, ତେଲ ସହିତ ଆଳୁ, ପିଆଜ, ରସୁଣ, ଅଦା ଓ ପନିପରିବା ଦର । ବଜାର ଗଲେ ବି ପନିପରିବାରେ ହାତ ମାରିବାକୁ ଡରଲାଗିଲାଣି । ୩ମାସରୁ ଅଧିକ ହୋଇଗଲାଣି ଆଳୁ କେଜି ୪୦, ପିଆଜ ୬୦, ରସୁଣ ୪୦୦, ଅଦା ୪୦୦ଟଙ୍କା ଓ ବେଳେବେଳେ ବିଭିନ୍ନ ସ୍ଥାନରେ ଏହା ଉପରେ ବି ରହୁଛି । ନିକଟରେ ବିଭିନ୍ନ ଗଣମାଧ୍ୟମରେ ରାଜ୍ୟର ପନିପରିବାର ହାରାହାରି ଦର ପ୍ରକାଶିତ ହୋଇଛି । ଖୁଚୁରା ବଜାରରେ କୌଣସି ପନିପରିବା ଦର କିଲୋ ପିଛା ୫୦ଟଙ୍କା ତଳକୁ ନାହିଁ । ବାଇଗଣ କିଲୋ ପିଛା ୮୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଭେଣ୍ଡି ୮୦, କଲରା ୬୦, ଗାଜର ୫୦, କାକୁଡି ୬୦, ଟମାଟୋ ୬୦, ଝୁଡଙ୍ଗ ୧୦୦, ବିନ୍ ୧୦୦, ପୋଟଳ ୧୦୦ଟଙ୍କାରେ ବିକ୍ରି ହେଉଛି । ଜଣେ ପରିବା ବ୍ୟବସାୟୀ ଗଣମାଧ୍ୟମକୁ କହିଛନ୍ତି, 'ଦୀର୍ଘ ୧୫ବର୍ଷ ଧରି ଭୁବନେଶ୍ୱରର ଏକ ନମ୍ବର ହାଟରେ ପରିବା ବ୍ୟବସାୟ କରୁଛି, ପନିପରିବା କେବେ ୧୦୦ଟଙ୍କା ଛୁଇଁବ ମୋର ଧାରଣା ନଥିଲା ।' ସେହିପରି ଜଣେ ଦିନମଜୁରିଆ କହିଛନ୍ତି, 'ଆମେ ଗରିବ ଲୋକ । ମଜୁରି ଲାଗି ପେଟ ପୋଷୁ, ଆଳୁ ବାଇଗଣ ଟିକେ ହେଲେ କାମ ଚଳନ୍ତା । ଦର ଏତେ ବଢିଯାଇଛି ଯେ ୫ପ୍ରାଣୀ ପରିବାର କେମିତ ଚଳିବୁ କିଛି ବୁଦ୍ଧିବାଟ ଦିଶୁନି ।' ଆଉ ଜଣେ କହିଛନ୍ତି, 'ଭାବିଥିଲୁ, ଏସରକାର ଖୁବ ଧାର୍ମିକ ସରକାର । କଥାରେ କଥାରେ ମହାପ୍ରଭୁ ଜଗନ୍ନାଥଙ୍କ ନାମ ଉଚ୍ଚାରଣ କରୁଛନ୍ତି । ଏବେ କାର୍ତ୍ତିକ ମାସ, ପାର୍ବଣ ମାସ । ଆମେ ନିରାମିଷ ଭୋଜନ କରୁ । ପନିପରିବା ହିଁ ଏକମାତ୍ର ଭରସା । ମାସ ଆରମ୍ଭରୁ ଏହି ନିଆଁଲଗା ଦରବୃଦ୍ଧି, ମାତ୍ର ଏସରକାର ଦାରୁଭୂତ ପରି ବସିଛନ୍ତି । ଇୟେ କେଉଁ ଧର୍ମ ?'

ଏହି ପରିସ୍ଥିତିରେ ବାତ୍ୟା 'ଦାନା' ଆସିବା ପୂର୍ବରୁ ହିଁ ସେହି କଳାବଜାରୀର ଭୟାବହ ପରିସ୍ଥିତି ଲୋକଙ୍କୁ ସାମ୍ନା କରିବାକୁ ପଡିଲା । । ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଘନ ଘନ କହୁଛନ୍ତି, ବାତ୍ୟାବେଳେ କଳାବଜାରୀଙ୍କୁ ପ୍ରଶ୍ରୟ ଦିଆଯିବ ନାହିଁ, ଦୃଢ କାର୍ଯ୍ୟାନୁଷ୍ଠାନ ହେବ । ପ୍ରଶାସନ ସଜାଗ ଅଛି । ସେମାନେ କେତେ ସଜାଗ ତା ବି ଦେଖାଗଲା । ଅଚାନକ ବଜାର ନିଆଁ ଆହୁରି ହୁ ହୁ ହୋଇ ଜଳି ଉଠିଲା । କଳାବଜାରୀ ବି ଖୋଲା ଖୋଲି ଚାଲିଛି । ମନ୍ତ୍ରୀଙ୍କ ପ୍ରତିଶ୍ରୁତି କୁଆଡେ ଗଲା ? ପ୍ରଶାସନ ତ ପଙ୍ଗୁ ହୋଇଗଲା । କି କାର୍ଯ୍ୟାନୁଷ୍ଠାନ ହେଲା, କାହିଁ ଜଣେ ତ କେହି ଗିରଫ ହେଲେ ନାହିଁ । ଏହି କଳାବଜାରୀ ତ ଏଠି ଏକ ପରମ୍ପରାରେ ପରିଣତ ହୋଇଛି । ସରକାରୀ ଦଳ ସମେତ ବିଭିନ୍ନ ଭୋଟ ସର୍ବସ୍ୱ ଦଳମାନଙ୍କ ସହିତ 'ନିର୍ବାଚନୀ ଚାନ୍ଦା'କୁ କେନ୍ଦ୍ରକରି ଏହି ଅସାଧୁ ବ୍ୟବସାୟୀ ଓ କଳାବଜାରୀମାନଙ୍କର ଯେଉଁ ମଧୁର ସଂପର୍କ ରହିଛି, ତା'ତ ଆଉ ଅଛପା ନାହିଁ । ମନ୍ତ୍ରୀମାନଙ୍କ ପ୍ରତିଶ୍ରୁତି ଯେ ପାଣିର ଗାର ତା' ମଧ୍ୟ ବୁଝିବାରେ ଆଉ ଅସୁବିଧା ନାହିଁ । ଏହି ମନ୍ତ୍ରୀ ଜଣକ ମଧ୍ୟ ୩ମାସ ତଳେ କହିଥିଲେ 'ଖୁବ ଶୀଘ୍ର' କିଲୋପିଛା ୨୦ଟଙ୍କାରେ ଆଳୁ ମିଳିବ । ଚିନ୍ତା କରନାହିଁ । ସେହି 'ଖୁବ୍ ଶୀଘ୍ର' କେତେ ଶୀଘ୍ର ଆସିବ ତା' ମଧ୍ୟ ଜଣା ନାହିଁ । ଲୋକେ କେତେ ଏହି ପ୍ରତିଶ୍ରୁତିକୁ ମନେ ରଖିଛନ୍ତି, ତାହା ତ ଅଲଗା କଥା । ଖୋଦ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କର ଏହା ମନେଅଛି କି ନାହିଁ ତା' ବି ଆମେ ଜାଣୁନା ।

ଗତବର୍ଷ ବିଜେଡି ସରକାର ସମୟରେ ଟମାଟୋ, ଆଳୁ, ଅଦା, ରସୁଣ, ପିଆଜର ଦରବୃଦ୍ଧି ଯୋଗୁ ଏକ ଅସ୍ୱାଭାବିକ ଓ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏମିତି ବି ଖବର ପ୍ରକାଶିତ ହୋଇଥିଲା ଯେ, 'ଦୋକାନର ତାଲା ଭାଙ୍ଗି ଟମାଟୋ ଓ ଅଦା ଲୁଟିନେଲେ ଚୋର', '୬୦ ଟଙ୍କାର ଟମାଟୋ କିଣିବାକୁ ୫ଘଣ୍ଟାରୁ ଅଧିକ ସମୟ ଅପେକ୍ଷା ।' 'ମା ପାଇଁ ପୁଅର ଟମାଟୋ ଉପହାର', 'ଦୁବାଇରୁ ଆସିଲା ୧୦ କେଜି ଟମାଟୋ' ଇତ୍ୟାଦି । ସେତେବେଳେ ବିଜେପି ଦଳ ଖୁବ ତୁମ୍ବିତୋଫାନ ଓ ବିରୋଧର ନାଟକବାଜି କରିଥିଲା । କହିଥିଲା, ନୂଆ ସରକାର ଆସିଲେ ଆଉ ଏଭଳି ଘଟିବ ନାହିଁ । ଏବେ ତ ନୂଆ ସରକାର । ଏହି ମାର୍ଚ୍ଚ ୩ ତାରିଖରେ ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି, 'ସେଞ୍ଚୁରି ମାରିଲା ଟମାଟୋ' । ଅର୍ଥାତ୍ ଟମାଟୋ କେଜି ୧୦୦ଟଙ୍କା ଛୁଇଁଲା । ଏହି ଦରବୃଦ୍ଧି ରୋକିବା ପାଇଁ ବିଜେପି ଦଳ ପ୍ରତିଶ୍ରୁତି ଦେଇଥିଲା, ପ୍ରତି ବ୍ଲକ୍‌ରେ ସରକାରୀ ଶୀତଳ ଭଣ୍ଡାର ପ୍ରତିଷ୍ଠା ହେବ, ଅସାଧୁ କଳାବଜାରୀ ଓ ମହଜୁଦକାରୀମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ । ଚାଷୀ ତାର ଉତ୍ପାଦିତ ଦ୍ରବ୍ୟର ନ୍ୟାଯ୍ୟ ମୂଲ୍ୟ ପାଇବ, ଅଭାବୀ ବିକ୍ରି ବନ୍ଦ ହେବ । ଚାଷୀମାନଙ୍କୁ ବିଶେଷକରି ପରିବା ଚାଷୀମାନଙ୍କୁ ବିଭିନ୍ନ ସହାୟତା ଦେଇ ପ୍ରୋତ୍ସାହିତ କରାଯିବ ଯଦ୍ୱାରା କି ସେମାନେ ଉତ୍ସାହିତ ହୋଇ ଅଧିକ ଉତ୍ପାଦନ କରିବେ । ଆମ ରାଜ୍ୟ ଆଳୁ, ପିଆଜ ଓ ଅନ୍ୟାନ୍ୟ ପନିପରିବା ପାଇଁ ପଶ୍ଚିମବଙ୍ଗ, ଆନ୍ଧ୍ର, ମହାରାଷ୍ଟ୍ର ଆଦି ରାଜ୍ୟମାନଙ୍କ ଉପରେ ଆଉ ନିର୍ଭର କରିବ ନାହିଁ, ଆମ ରାଜ୍ୟ ଆତ୍ମନିର୍ଭରଶୀଳ ହେବ । ତେବେ ଏହା ମଧ୍ୟ ଦୀର୍ଘସ୍ଥାୟୀ କାର୍ଯ୍ୟକ୍ରମ ନୁହେଁ, ସରକାର ଗଠନ ହେବା ମାତ୍ରେ ହିଁ ଏ ସଂକ୍ରାନ୍ତରେ ତତ୍ପରତାର ସହିତ ପଦକ୍ଷେପ ନିଆଯିବ । ରାଜ୍ୟ ସରକାର ବହୁ ପ୍ରଚାରିତ ୧୦୦ଦିନ ପୂରଣ କରିସାରିଲାଣି । ଏହି ପ୍ରତିଶ୍ରୁତି ପୂରଣ କରିବାରେ ତଥା ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବାରେ ସରକାର କେତେ ତତ୍ପର ତା'ତ ରାଜ୍ୟର ଜନସାଧାରଣ ଦେଖିପାରୁଛନ୍ତି । ତେବେ ଏହା ସତ୍ୟ, ଲୋକଙ୍କୁ ଭଣ୍ଡିବା, ନିଜର ପ୍ରତିଶ୍ରୁତିକୁ ବିଭିନ୍ନ କଥା କହି ଭୁଲାଇବାରେ ଉସ୍ତାଦ, ରାଜ୍ୟ ବିଜେପି ଦଳର ନେତା, ସରକାରୀ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କର ପ୍ରଧାନମନ୍ତ୍ରୀ ଓ ଅନ୍ୟାନ୍ୟ କେନ୍ଦ୍ରୀୟ ମନ୍ତ୍ରୀଙ୍କ ଭଳି ଦାମ୍ଭିକତାପୂର୍ଣ୍ଣ ବିବୃତି ଓ ମନ୍ତବ୍ୟର ଅଭାବ ନାହିଁ ।

ସମଗ୍ର ଦେଶରେ ଦରଦାମ ବୃଦ୍ଧିକୁ କେନ୍ଦ୍ରକରି ଏକ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି । *ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନଏସ୍‌ଓ)* ଦ୍ୱାରା ସଦ୍ୟ ପ୍ରକାଶିତ ତଥ୍ୟ ଅନୁଯାୟୀ ଖାଦ୍ୟ ସାମଗ୍ରୀ ମହଙ୍ଗା ହେବା ଫଳରେ ସେପ୍ଟେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ୫ଦଶମିକ ୪୯ ଶତାଂଶରେ ପହଞ୍ଚିଯାଇଛି, ଯାହା ଗତ ୯ ମାସରେ ସର୍ବାଧିକ ସ୍ତର । ପୂର୍ବର ଓ ବର୍ତ୍ତମାନର କେନ୍ଦ୍ର ତଥା ରାଜ୍ୟରେ ଥିବା ବିଭିନ୍ନ ସରକାରମାନଙ୍କର ଗୋଟିଏ ପରେ ଗୋଟିଏ ଜନମାରଣ ଶୋଷଣ ନୀତି ଫଳରେ ଲୋକଙ୍କର କ୍ରୟ କ୍ଷମତା କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି । ବେକାରୀ, ଦାରିଦ୍ର୍ୟ ବଢି ବଢି ଚାଲିଛି । ଫଳରେ ସରକାରୀ ଓ ବେସରକାରୀ

*(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)*

## ବାତ୍ୟା ଦାନା ପ୍ରଭାବିତ ଅଂଚଳରେ
# ମେଡିକାଲ ସର୍ଭିସ ସେ  ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ଗତ ଅକ୍ଟୋବର ୨୫ତାରିଖ ଦିନ ବାତ୍ୟା ଦାନା ଓଡିଶାର ଭଦ୍ରକ ଜିଲ୍ଲାର ଧାମରାଠାରୁ କେନ୍ଦ୍ରାପଡା ଜିଲ୍ଲାର ଭିତରକନିକା ମଧ୍ୟରେ ସ୍ଥଳଭାଗ ଛୁଇଁଥିଲା। ଏହାର ପ୍ରଭାବରେ ଓଡିଶାର ୪ଟି ଉପକୂଳବ ୀ ଜିଲ୍ଲା ବିଶେଷ କରି ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଅକ୍ଟୋବର ୨୬ତାରିଖ ଦିନ ମେଡିକାଲ ସର୍ଭିସ ସେ  ର ପକ୍ଷରୁ ଏକ ସର୍ବେକ୍ଷଣ ଦଳ ଯାଇ ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ। ଅକ୍ଟୋବର ୨୭ତାରିଖ ଦିନ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଫାର୍ସିବନ୍ଧ ଗ୍ରାମ ଏବଂ ଅକ୍ଟୋବର ୨୯ତାରିଖ ଦିନ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ୍ ଅନ୍ତର୍ଗତ କାଟିଣି ଗ୍ରାମରେ ସ୍ୱାସ୍ଥ୍ୟ ଶିବିରମାନେ ଅନୁଷ୍ଠିତ ହୋଇଥିଲା। ମେଡିକାଲ ସର୍ଭିସ ସେ  ରର ଓଡିଶା ରାଜ୍ୟ ସଭାପତି ଡା. ସୁରଜିତ ସାହୁ, ସଂପାଦକ ଡା. ପ୍ରାଞ୍ଜ ଅନିର୍ବାଣ ଓ ଅଫିସ ସଂପାଦକ ତଥା କୋଷାଧ୍ୟକ୍ଷ ଡା. ସଂଗ୍ରାମ ବ୍ରହ୍ମଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ଶିବିରରେ ୮ଜଣ ଡାକ୍ତର, ୨୦ଜଣ ଡାକ୍ତରୀ ଛାତ୍ର ଓ ୨ଜଣ ସ୍ୱାସ୍ଥ୍ୟ କର୍ମୀ ଯୋଗ ଦେଇ ୫୯୩ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ। ଏହି ସମୟରେ ଅଧିକାଂଶ ଲୋକ ଶ୍ୱାସକ୍ରିୟା ଜନିତ ରୋଗ, ଚର୍ମ ରୋଗ ଓ ପେଟ ରୋଗରେ ବିଶେଷଭାବେ ପୀଡିତ ଥିବା ଦେଖାଯାଇଥିଲା। ଶିବିର ଶେଷରେ ଗ୍ରାମର ଲୋକମାନଙ୍କୁ ନେଇ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆମ୍ବ କୋଇଲି ଜାଉ ଖାଇ ମୃତ୍ୟୁ ଘଟଣା ପ୍ରତିବାଦରେ
## ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ବିକ୍ଷୋଭ




କନ୍ଧମାଳ ଜିଲ୍ଲାରେ ଶୁଖିଲା ଆମ୍ବ କୋଇଲି ଜାଉ ଖାଇ ମୃତ୍ୟୁବରଣ କରିଥିବା ପ୍ରତ୍ୟେକ ପରିବାରକୁ ୫୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବା, ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ସମସ୍ତ ଦରିଦ୍ର ପରିବାରକୁ ଏଥିରେ ସାମିଲ କରିବା ଏବଂ ବିଭିନ୍ନ ଆଳରେ ରାସନ୍ କାର୍ଡ କାଟିବା ବନ୍ଦ କରିବା, ଏଥିପାଇଁ ତୁରନ୍ତ ସରକାରୀ ନିର୍ଦ୍ଦେଶନାମା ଜାରି କରିବା, ପ୍ରତି ହିତାଧିକାରୀ ପରିବାରକୁ ମୁଣ୍ଡପିଛା ମାସକୁ ଅତି କମରେ ୧୫ କିଲୋ ଖାଦ୍ୟଶସ୍ୟ ଯୋଗାଇ ଦେବା ପ୍ରମୁଖ ଦାବିରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ନଭେମ୍ବର ୪ ତାରିଖରେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏହି ବିକ୍ଷୋଭରେ ଦଳର ଜିଲ୍ଲା କମିଟି ସଦସ୍ୟ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ସିଦ୍ଧାର୍ଥ ରଥ, ଟିକା ସାମଲ, ଆଇନଜୀବୀ ସୁକାନ୍ତ ନାୟକ, ଦିପକ ଦାସ, ସୋଭା ଦେହୁରୀ, ସିପ୍ରା ମହାନ୍ତି, ଅକ୍ଷୟ ରାଉଳ, ଝରଣା ଦାସ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ଏହିଭଳି ଦୁଃଖଦାୟକ ଘଟଣା ଆଗାମୀ ଦିନରେ ଯେପରି ନଘଟେ ତାହା ସୁନିଶ୍ଚିତ କରିବା ସଂଗେ ସଂଗେ ନିମ୍ନଲିଖିତ ଦାବି ଗୁଡ଼ିକୁ ପୂରଣ କରିବା ପାଇଁ ଦଳ ପକ୍ଷରୁ ଦୃଢ଼ ଦାବି କରି ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଯାଇଛି।

ଏଠାରେ ସୂଚନାଯୋଗ୍ୟ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ କେନ୍ଦ୍ର ସରକାର ଗତବର୍ଷ ତୁଳନାରେ ଚଳିତବର୍ଷ ବଜେଟରେ ୭୦୦୦ କୋଟି ଟଙ୍କା ବ୍ୟୟ ହ୍ରାସ କରିଛନ୍ତି। ଦରିଦ୍ର ଲୋକଙ୍କର ଖାଦ୍ୟ ସୁରକ୍ଷା ବାବଦରେ ବ୍ୟୟ ବରାଦ ହ୍ରାସ କରାଯିବା ଫଳରେ ସେହି ଅନୁଯାୟୀ ଲୋକଙ୍କ ରାସନ୍ କାର୍ଡ କଟା ଚାଲିଛି। ଏହା ଫଳରେ ଅଖାଦ୍ୟ ଖାଇ ମୃତ୍ୟୁ ମୁଖରେ ପଡ଼ିଥିବା ଲୋକଙ୍କ ସମେତ ବହୁ ଲୋକଙ୍କୁ ସରକାରୀ ଚାଉଳ ୩ ମାସ ଧରି ମିଳିନାହିଁ। ଏହା ଫଳରେ ଏଭଳି ହୃଦୟ ବିଦାରକ ଘଟଣା ଘଟିଛି। ସୁତରାଂ ଏହି ମୃତ୍ୟୁ ପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ।

## କେନ୍ଦୁଝରଠାରେ ଏୟାରଟେଲ ୟୁନିୟନର ବୈଠକ



ନଭେମ୍ବର ୧୦ ତାରିଖରେ ଏୟାରଟେଲ ୟୁନିୟନ୍‌ର ବାଲେଶ୍ୱର ଜୋନର ବୈଠକ କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସଂଗଠନର ଉପସଭାପତି କମ୍ରେଡ ଅଶୋକ ସାହୁ, ଜୋନ ସଭାପତି କମ୍ରେଡ ରତିକାନ୍ତ ବେହେରା ଓ ଏସୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ କମ୍ରେଡ ପ୍ରକାଶ ମଲ୍ଲିକଙ୍କ ସମେତ ବହୁ ଟେକ୍ନିସିଆନ ପ୍ରତିନିଧି ବୈଠକରେ ବକ୍ତବ୍ୟ ରଖି ଦାବି ପୂରଣ ପାଇଁ ଲଢେଇ ଜାରି ରଖିବାକୁ ଡାକରା ଦେଇଥିଲେ। ନଭେମ୍ବର ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ବିପ୍ଳବୀ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ର ସର୍ବଭାରତୀୟ ସମ୍ମିଳନୀକୁ ସଫଳ କରିବା ପାଇଁ ବୈଠକରେ ଆହ୍ୱାନ କରାଯାଇଥିଲା।

# ଏଆଇକେକେଏମଏସ ପକ୍ଷରୁ
## ଠାକୁରମୁଣ୍ଡା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ




ଏଆଇକେକେଏମଏସ ଠାକୁରମୁଣ୍ଡା ବ୍ଲକ କମିଟି ପକ୍ଷରୁ ନଭେମ୍ବର ୧୨ ତାରିଖରେ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏମଏସପିକୁ ଆଇନର ଗ୍ୟାରେ ି ଦେବା, ୨୦୦୬ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଦଖଲିକୃତ ଜମିକୁ ବିନା ସଲାମିରେ ପଟ୍ଟାଦେବା ଆଦି ୧୦ ଦଫା ଦାବିରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଆଇକେକେଏମଏସ ଠାକୁରମୁଣ୍ଡା ବ୍ଲକ କମିଟିର ସମ୍ପାଦକ କମ୍ରେଡ଼ ବାଜୁରାମ ସିଦ୍ଧୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ରେ ଯୋଗ ଦେଇ ସଙ୍ଗଠନର ରାଜ୍ୟ ସମ୍ପାଦକ କମ୍ରେଡ଼ ରଘୁନାଥ ଦାସ ତାଙ୍କ ବକ୍ତବ୍ୟରେ ସମ୍ପ୍ରତି ବିଜେପି ଦଳର ଡବଲ ଇଞ୍ଜିନ ସରକାରଙ୍କର ଆଦିବାସୀ ତଥା ବନବାସୀଙ୍କୁ ସେମାନଙ୍କର ଦଖଲିକୃତ ଜମିରୁ ଉଚ୍ଛେଦ କରିବା ପାଇଁ ଜଙ୍ଗଲ ଜମି ସଂରକ୍ଷଣ ସଂଶୋଧନ ଆଇନ ୨୦୨୩ ପ୍ରଣୟନ କରି ଜଙ୍ଗଲ ଜମିରୁ ଲୋକଙ୍କୁ କିଭଳି ଉଚ୍ଛେଦ କରିବା ଉଦ୍ୟମ ହେଉଛି,ସେ ବିଷୟରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ବିଜେପି ସରକାରଙ୍କ ଏତାଦୃଶ ଜନବିରୋଧୀ କାର୍ଯ୍ୟ ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନ ଗଢିତୋଳିବା ପାଇଁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସୟୁସିଆଇ(କମ୍ୟୁନିଷ୍ଟ) ମୟୁରଭଞ୍ଜ ଜିଲା କମିଟିର ସମ୍ପାଦକ କମ୍ରେଡ଼ ସାଦ ବଦ୍ରା, ଏଆଇକେକେଏମଏସ ମୟୁରଭଞ୍ଜ ଜିଲା କମିଟିର ସଭାପତି କମ୍ରେଡ୍ ଶ୍ୟାମ ବାନରା ବକ୍ତବ୍ୟ ରଖିଥିଲେ। ବିକ୍ଷୋଭ ଶେଷରେ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା।

# ଯଶିପୁର ତହସିଲକୁ ବାତ୍ୟା ପ୍ରଭାବିତ ଘୋଷଣା ଦାବିରେ ଏସ୍‌ୟୁସିଆଇ(ସି)ର ଗଣବିକ୍ଷୋଭ




ଏସ୍ ୟୁ ସି ଆଇ(କମ୍ୟୁନିଷ୍ଟ) ଯଶିପୁର ଆଂଚଳିକ କମିଟି ପକ୍ଷରୁ ଯଶିପୁର ତହସିଲ ଅଫିସ୍ ସମ୍ମୁଖରେ ନଭେମ୍ବର ୧୧ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯଶିପୁର ତହସିଲକୁ ବାତ୍ୟାଂଚଳ ଘୋଷଣା କରିବା, ଚାଷୀ ମାନଙ୍କୁ ବାତ୍ୟାଜନିତ କ୍ଷତିପୂରଣ ପ୍ରଦାନ କରିବା, ଆଗାମୀ ରବି ଓ ଖରିଫ୍ ଫସଲ ପାଇଁ ମାଗଣାରେ ବିହନ ସାର, କୀଟନାଶକ ଯୋଗାଇବା, କୃଷିଉପକରଣ ରିହାତି ଦରରେ ଦେବା, ଚାଷୀ ମାନଙ୍କର କୃଷିଋଣ ଛାଡ କରିବା, ଆରମ୍ଭରୁ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ ହୋଇପାରିନଥିବା ଜମିର ଆକଳନ ଓ କ୍ଷତିପୂରଣ ଆଦି ଦାବି ଅନ୍ତର୍ଭୁକ୍ତ କରାଯାଇଥିଲା। ସେଠାରେ ଜିଲ୍ଲା କମିଟି ସଦସ୍ୟ ମନୋଜ ମହାନ୍ତଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟବକ୍ତା ପାଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀଯୁକ୍ତ ଶମ୍ଭୁନାଥ ନାଏକ ଉପରୋକ୍ତ ଦାବି ଗୁଡିକ ତୁରନ୍ତ ପୂରଣ କରିବା ପାଇଁ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଶକ୍ତିଶାଳୀ ଆନ୍ଦୋଳନ ଗଢି ତୋଳିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇକେକେଏମ୍‌ଏସ୍‌ର ଜିଲ୍ଲା( ୧ )ସମ୍ପାଦକ କମ୍ରେଡ୍ ଦୁଃଖବଂଧୁ ମହାନ୍ତ, ଲଳିତ ମହାନ୍ତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହାପରେ ତହସିଲଦାରଙ୍କ ଅନୁପସ୍ଥିତିରେ ଭାରପ୍ରାପ୍ତ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ସ୍ଥାନୀୟ ଦଳିୟ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ମୁଖ୍ୟ ରାସ୍ତା ଦେଇ ଯଶିପୁର ତହସିଲ ଅଫିସ୍‌ରେ ପହଂଚିଥିଲା। ଜିଲ୍ଲା କମିଟି ସଦସ୍ୟ ନୀଳାମ୍ବର ନାଏକ, ପ୍ରକାଶ ମଢେଇ, ମଧୁସୂଦନ ନାଏକ, ତରୁଣ ପାତ୍ର, ପ୍ରମୋଦ ମହାନ୍ତ, ଅଜିତ ମହାନ୍ତ, ସୁଶାନ୍ତ ମୁର୍ମୁ, ସନ୍ୟାସୀ ନାଏକ, ଋଷି ନାଏକ ଆଦି ଶୋଭାଯାତ୍ରା ପରିଚାଳନା କରିଥିଲେ। ଶୋଭାଯାତ୍ରାରେ ଶତାଧିକ ମହିଳା ଏବଂ ପୁରୁଷ ଅଂଶଗ୍ରହଣ କରିଥିଲେ ।

ଅନ୍ୟ ଏକ ଦାବିପତ୍ର ଯଶିପୁର ବିଡିଓଙ୍କୁ ପ୍ରଦାନ କରି ଏକତାଳି ଗ୍ରାମ ପଂଚାୟତର ବସନ୍ତପୁର ଗ୍ରାମକୁ ଲକ୍ଷ୍ମୀ ବସ୍ ଜାତାୟତ କରିବା ପାଇଁ ଦାବି କରାଯାଇଛି ।

## ଆୟଟାକୁଆ ଜାଉ . . .

*(୩ୟ ପୃଷ୍ଠାର ଅବଶିଷ୍ଟାଂଶ)*

ପାଣ୍ଠିରୁ ସାହାଯ୍ୟ ଦେଇ ନିଜର କର୍ତ୍ତବ୍ୟ ସଂପାଦନ କରିଛନ୍ତି। ଡବଲ ଇଂଜିନ୍‌ର ମୁଖ୍ୟ ଇଞ୍ଜିନ କେନ୍ଦ୍ର ସରକାର, ବିଜେପିର ଯଶସ୍ୱୀ ପ୍ରଧାନ ମନ୍ତ୍ରୀଙ୍କ ଗରିବ କଲ୍ୟାଣ ପାଣ୍ଠିରୁ ଟଙ୍କାଟିଏ ମିଳିବା ତ ଦୂରର କଥା, ତାଙ୍କ ମୁହଁରୁ ପଦୁଟିଏ କଥା ମଧ୍ୟ କେହି ଶୁଣି ନାହିଁ। ରାଜ୍ୟ ସରକାରଙ୍କ କେହି ପ୍ରତିନିଧି, ମୁଖ୍ୟମନ୍ତ୍ରୀ ବା କେହି ମନ୍ତ୍ରୀଙ୍କର ପାଦ ବି ଏ ଅଂଚଳରେ ଏପର୍ଯ୍ୟନ୍ତ ପଡିନାହିଁ। ସାମାନ୍ୟ ସୌଜନ୍ୟତା ଯେ ଏ ସରକାରର ନାହିଁ, ଏହାଠାରୁ ନଗ୍ନ ଉଦାହରଣ ଆଉ କ'ଣ ବା ଥାଇପାରେ !

**ଭାରତ କାଳେ ହେବ ବିଶ୍ୱ ଅନ୍ନଦାତା !**

ଏହି ମର୍ମାନ୍ତିକ ମୃତ୍ୟୁ, ଅସହ୍ୟ ଯନ୍ତ୍ରଣାରେ ପିଡିତଙ୍କ ଆର୍ତ୍ତନାଦ ବିବେକୀ ମଣିଷର ଚେତନାକୁ ଥରାଇ ଦେଇଛି। ଜଣେ ମୃତ ଦିବ୍ୟାଙ୍ଗ ଯୁବତୀ ମହିଳାର ୫ବର୍ଷର ଶିଶୁ କନ୍ୟା ଓ ୪ବର୍ଷର ପୁତ୍ର ମା'ର ଫେରନ୍ତା ବାଟକୁ ଚାହିଁ ବାହୁନି ବାହୁନି କାନ୍ଦୁଛନ୍ତି। ଖାଲି ମୃତକଙ୍କ ପରିବାର ନୁହେଁ ବା ମୃତକଙ୍କ ଗାଁରେ ନୁହେଁ, ସମଗ୍ର ଅଂଚଳରେ ଆଜି ଖେଳିଯାଇଛି ଶୋକର ଲହରୀ। ଏକବିଂଶ ଶତାବ୍ଦୀରେ ଏପରି ନିଦାରୁଣ ମୃତ୍ୟୁରେ ଶୋକସନ୍ତପ୍ତ ମାନବ ସମାଜ ସ୍ତବ୍ଧ। ମାତ୍ର ପୁଞ୍ଜିପତି ଶ୍ରେଣୀର ବିଶ୍ୱସ୍ତ ସେବାଦାସ ଏହି ଭୋଟ ସର୍ବସ୍ୱ ଦଳ, ସରକାର ଓ ସେମାନଙ୍କର ବଚସ୍କର ତଥା ପ୍ରଶାସନ ନିକଟରେ ଏହି ଲୋକଙ୍କର କୌଣସି ମୂଲ୍ୟ ନାହିଁ। ସେଥିପାଇଁ ତ ଏତେ ନୀତିହୀନ, ବିବେକହୀନ, ରୁଚିହୀନ ଯୁକ୍ତି ଦେଇ ସତ୍ୟକୁ ଚପାଇବାର ଏତେ ଅପଚେଷ୍ଟା। କାହିଁଗଲା ସରକାରଙ୍କ ଏତେ ଯୋଜନା ? କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ନିରାପ । ଆଇନ, ରାଜ୍ୟ ସରକାରଙ୍କ ଖାଦ୍ୟ ନିରାପ । ଆଇନ ଯେ ଲୋକଙ୍କ ଭୋଟ ହାତେଇବା ପାଇଁ ଏକ ପ୍ରତାରଣା, ଏହା ଆଉ ବୁଝାଇ କହିବାର ଆବଶ୍ୟକତା ନାହିଁ। ବର୍ତ୍ତମାନ ସରକାରଙ୍କ ନୀତି ପରିସ୍ଥିତିକୁ ଆହୁରି ଭୟାବହ କରିବ। ଧନୀ ପୁଞ୍ଜିପତିଙ୍କ ପାଇଁ ଗରିବର ରାଜକୋଷ ମେଲା। ସେମାନଙ୍କ ପାଇଁ ବିଜେପି ସରକାର ହଜାର ହଜାର କୋଟି ଟଙ୍କା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିନକୁ ଦିନ ବଢାଇ ଚାଲିଛନ୍ତି। ମାତ୍ର ଗରିବଙ୍କ ପାଇଁ ଖର୍ଚ୍ଚକାଟ। ସଂପ୍ରତି କେନ୍ଦ୍ର ସରକାର ଚାଉଳ ବାବଦକୁ ଦେଇଥିବା ସହାୟତା ରାଶି ୩ହଜାର କୋଟି ଟଙ୍କା ହ୍ରାସ କରିଛନ୍ତି। ଫଳରେ ବହୁ ହିତାଧିକାରୀଙ୍କୁ ଚାଉଳ ପାଇବାରୁ ବଂଚିତ କରିବାକୁ ଯୋଜନା ଚାଲିଛି। ୩ମାସ ହେଲା କେୱାଇସି ଓ ଅନ୍ୟାନ୍ୟ ନୀତି ନାଁରେ ସେହି ପ୍ରକ୍ରିୟା ଆରମ୍ଭ ହୋଇଛି। ମାଣ୍ଡିପଙ୍କା ଭଳି ଦୁର୍ଗମ ଅଂଚଳ ଯେଉଁଠି ବିଜୁଳି ନାହିଁ ବା ଥିଲେ ନଥିଲା ଭଳି, ସବୁବେଳେ ସର୍ଭର ଡାଉନ, ସେଠି ତ ଆଉ କେତେ ମାସ ଲାଗିବ କହି ହେବ ନାହିଁ। ଏତିକିରେ ହାହାକାର ପଡିଗଲାଣି। ଦେଶର ୨୫କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠାଇବାର ଯେଉଁ ଦମ୍ଭୋକ୍ତି ପ୍ରଧାନମନ୍ତ୍ରୀ କରୁଛନ୍ତି ତା ଯେ କେତେ ବଡ ମିଥ୍ୟାଚାର ଏହା ମଧ୍ୟ ପ୍ରମାଣ ହୋଇଗଲାଣି। ଏପଟେ ଲୋକଙ୍କ ହାତରେ କାମ ନାହିଁ। ସହର, ଏପରିକି ଗ୍ରାମାଂଚଳର ଛକ ଜାଗାମାନଙ୍କରେ 'ମଣିଷ ହାଟ'ରେ ଅସମ୍ଭବ ଭିଡ। 'ବାବୁ ଆମକୁ କାମ ଦିଅ, ବାବୁ ଆମକୁ କାମ ଦିଅ'ର ବିକଳ ଚିତ୍କାର ହୃଦୟ ବିଦିର୍ଣ୍ଣ କରୁଛି। ଏହି ପରିସ୍ଥିତିରେ ବର୍ଷକୁ ସର୍ବନିମ୍ନ ୧୦୦ଦିନର କାମର ଗ୍ୟାରେଣ୍ଟି କହି ମନରେଗା ଯୋଜନା ଆରମ୍ଭ ହୋଇଥିଲା। ଦାବି ଉଠୁଥିଲା ବର୍ଷକୁ ୩୬୫ ଦିନ କାମ ଦିଅ। ଉପଯୁକ୍ତ ପାରିଶ୍ରମିକ ଠିକ ସମୟରେ ଦିଅ। ବଂଚିବାର ପନ୍ଥା ଯୋଗାଇ ଦିଅ। କେନ୍ଦ୍ର ବିଜେପି ସରକାର ଏଠି ମଧ୍ୟ ଖର୍ଚ୍ଚ କାଟ କରିଛନ୍ତି। ମନରେଗା ପାଇଁ ଗତ ବଜେଟ୍‌ରେ ବ୍ୟୟବରାଦ ପ୍ରାୟ ଅଧା କରିଦେଇଛନ୍ତି। ରିପୋର୍ଟ କହୁଛି, ୨୦୨୨ରୁ ୨୦୨୪, ଏହି ଦୁଇ ବର୍ଷ ମଧ୍ୟରେ ୮କୋଟି ଶ୍ରମିକ ତାଲିକାରୁ ବାଦ ପଡିଛନ୍ତି। ୨୦୨୪ ମସିହାରେ ହିଁ ୬କୋଟି ୩୦ଲକ୍ଷ ଶ୍ରମିକ ଆଧାର କାର୍ଡ ଲିଙ୍କ ନପାଇବାରୁ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଏଇ ତ ଅବସ୍ଥା। କାମ ନାହିଁ। ନା ଗାଁରେ , ନା ସହରରେ। ବେକାର ଯୁବକ ଯୁବତୀ, କିଶୋର କିଶୋରୀ, ଏପରିକି ଶିଶୁ ଓ ବୃଦ୍ଧ ବି ଦେଶସାରା କାମର ସନ୍ଧାନରେ ଘୁରି ବୁଲୁଛନ୍ତି। ପ୍ରତିଦିନ ଦାଦନ ଶ୍ରମିକ ମାନଙ୍କର ଅତି ନିଷ୍ଠୁର ଶୋଷଣ, ନିର୍ଯ୍ୟାତନାର କରୁଣ ଖବର ତ ଆସୁଛି। କିଏ ଆତ୍ମହତ୍ୟା କରୁଛି, ପୁଣି କାହାର ଶବ ବା କ୍ଷତବିକ୍ଷତ ଶରୀର ଘରକୁ ଫେରୁଛି। ବହୁ ଶ୍ରମିକ ନିଖୋଜ, ଯେଉଁମାନଙ୍କର ଦୀର୍ଘଦିନ ହେଲା କୌଣସି ଖବର ମିଳୁନାହିଁ। ଏହା ହିଁ ନୂତନ ବିକଶିତ ଭାରତର ରଂଗୀନ ଚିତ୍ର। ପ୍ରଧାନମନ୍ତ୍ରୀ ୫ ଟ୍ରିଲିୟନ ଡଲାର ଆଉ ରାଜ୍ୟ ମୁଖ୍ୟମନ୍ତ୍ରୀ ଅଧା ଟ୍ରିଲିୟନ ଡଲାର ଅର୍ଥନୀତିର ସ୍ୱପ୍ନ ଦେଖାଇ ଚାଲିଛନ୍ତି। ବିକଶିତ ଭାରତ, ବିକଶିତ ଓଡିଶାର ବାଣୀ ଶୁଣାଇ ଚାଲିଛନ୍ତି। ଏବେ ପୁଣି ଭାରତକୁ ବିଶ୍ୱର ଅନ୍ନଦାତା ଭାବେ ରୂପାନ୍ତର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ନିମନ୍ତେ ଓଡିଶା ସରକାର ଆହ୍ୱାନ ଦେଇଛନ୍ତି। ଆରମ୍ଭ ହୋଇଛି ଶ୍ରୀ ଅନ୍ନ ଅଭିଯାନ। ଏହାଠାରୁ ବଡ ପ୍ରତାରଣାମୂଳକ କଥା ଆଉ କଣ ବା ଥାଇପାରେ। ଏଥିପାଇଁ ରାଜକୋଷରୁ ପାଣି ଭଳି ଟଙ୍କା ଖର୍ଚ୍ଚ କରି ପ୍ରଚାର ଅଭିଯାନ ଆରମ୍ଭ ହୋଇଗଲାଣି। କାଶୀପୁରରୁ, ନଗଡାରୁ ମାଣ୍ଡିପଙ୍କା କିନ୍ତୁ ଭିନ୍ନ କଥା କୁହେ। ଶତ ଶତ ମଣିଷର ନିଦାରୁଣ ଅନାହାର ମୃତ୍ୟୁ ଏହି ମିଛ ସ୍ୱପ୍ନର ସୁନେଲି ପରଦା ଉପରେ କଳା ଚାଦର ଢାଙ୍କି ଦେଇଛି। ଏହା ହିଁ ତ ପୁଞ୍ଜିବାଦର ନିୟମ। ଗୋଟିଏ ପଟେ ମୁଷ୍ଟିମେୟ ଧନୀମାନଙ୍କୁ ପ୍ରାଚୁର୍ଯ୍ୟର ସ୍ୱର୍ଗରେ ପହଞ୍ଚିବା ପାଇଁ ସେମାନଙ୍କର ସେବାଦାସ ଦଳମାନେ ସିଡି ବାନ୍ଧିବେ ଆଉ ମାଣ୍ଡିପଙ୍କା ଭଳି ଲକ୍ଷ ଲକ୍ଷ ଗ୍ରାମର ସାଧାରଣ ନିଃସ୍ୱ ଜନତାକୁ ସର୍ବନାଶର ନରକକୁ ଠେଲିଦେବା ପାଇଁ ମୃତ୍ୟୁର ସୁଡଙ୍ଗ ଖୋଳିବେ। ପୁଞ୍ଜିବାଦର ଆୟୁ ସହ ତାଳ ଦେଇ ଏହି ବୈଷମ୍ୟ ଆହୁରି ବଢି ବଢି ଚାଲିବ। ତେଣୁ ପୁଞ୍ଜିବାଦକୁ ଧ୍ୱଂସକରି ଶୋଷଣହୀନ ସମାଜତାନ୍ତ୍ରିକ ରାଷ୍ଟ୍ର ପ୍ରତିଷ୍ଠା ନିମନ୍ତେ ପୁଞ୍ଜିବାଦ ବିରୋଧୀ ସମାଜତାନ୍ତ୍ରିକ ବିପ୍ଳବ ଯେ କେତେ ଜରୁରୀ ତା ବୁଝିବା ଓ ଏଥି ନିମିତ୍ତ ଦାୟିତ୍ୱ ପାଳନ କରିବା ବ୍ୟତିରକେ ମୁକ୍ତିର ଆଉ କୌଣସି ପଥ ନାହିଁ।

★ ★ ★

## ଅର୍ଥନୀତି ଆକାର . . .

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ସେମାନଙ୍କ ଦରମା ସେଭଳି ବଢୁନାହିଁ, ବରଂ ମୂଲ୍ୟବୃଦ୍ଧିକୁ ବିଚାରକୁ ନେଲେ ବାସ୍ତବରେ ଚାକିରିଜୀବୀଙ୍କ ରୋଜଗାର ହ୍ରାସ ପାଉଛି। ଯାହାବି ଚାକିରି ଅଛି ତାର ବେତନ ଖୁବ୍ କମ୍ ଏବଂ ପ୍ରାୟ ସମସ୍ତ ଚାକିରି ଠିକା, ଚୁକ୍ତିଭିତ୍ତିକ। ଯେଉଁ ହାରରେ ମୂଲ୍ୟବୃଦ୍ଧି ଘଟୁଛି, ଶିକ୍ଷା, ଚିକିତ୍ସା ପାଇଁ ଖର୍ଚ୍ଚ ଯେଉଁ ହାରରେ ବଢୁଛି ସେଥିରେ ସଂସାର ଚଳାଇବା ପାଇଁ ସାଧାରଣ ମଣିଷ ଅଣନିଶ୍ୱାସୀ ହୋଇପଡୁଛି। ଏହାପରେ ଯାହା ଅବଶିଷ୍ଟ ରହୁଛି ସେଥିରେ ଭୋଗ୍ୟପଣ୍ୟ ଖରିଦ କରିବାର ପ୍ରଶ୍ନ ଉଠୁନାହିଁ। ସେ ଖର୍ଚ୍ଚ ସର୍ବପ୍ରଥମ କାଟ କରିବାକୁ ହେଉଛି। ସ୍ୱାଭାବିକ ଭାବରେ ଭୋଗ୍ୟପଣ୍ୟର ବିକ୍ରି ହ୍ରାସ ପାଉଛି।

ଅନ୍ୟଦିଗରେ ସମାଜରେ ସୃଷ୍ଟି ହୋଇଥିବା ମାରାତ୍ମକ ଆର୍ଥିକ ଅସାମ୍ୟର ପରିଣାମ କ'ଣ ହେଉଛି ? ଏହାଫଳରେ ଅର୍ଥବ୍ୟବସ୍ଥାରେ ଘଟୁଥିବା ଅଭିବୃଦ୍ଧି ଫଳରେ ସୃଷ୍ଟି ହେଉଥିବା ସଂପଦର ଉପଯୁକ୍ତ ବଣ୍ଟନ ହେଉନାହିଁ। ମୁଷ୍ଟିମେୟ ଲୋକଙ୍କ ମଧ୍ୟରେହିଁ ସମୃଦ୍ଧି ସୀମିତ ରହୁଛି।

ସ୍ୱାଭାବିକ ଭାବରେ ହିଁ ପ୍ରଶ୍ନ ଉଠୁଛି, ସାଧାରଣ ଲୋକଙ୍କ କ୍ରୟ କ୍ଷମତା ଯେତେବେଳେ ହ୍ରାସ ପାଉଛି ସେତେବେଳେ ଖାଉଟି ସାମଗ୍ରୀର ଦର ଏହିଭଳି ଭାବରେ ବୃଦ୍ଧିପାଉଛି କିଭଳି ? ଏହି ପ୍ରସଙ୍ଗରେ ବହୁପୂର୍ବରୁ ପ୍ରକାଶିତ ଏକ ତଥ୍ୟକୁ ରିଜର୍ଭବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ଣ୍ଣର ବିରଳ ଆଚାର୍ଯ୍ୟ ସ୍ମରଣ କରାଇ ଦେଇଛନ୍ତି। ସେ କହିଛନ୍ତି- ଗତ ୫ବର୍ଷ ମଧ୍ୟରେ ଆଦାନୀ ଗୋଷ୍ଠୀ ସମେତ ୫ଟି ଶିଳ୍ପ ଗୋଷ୍ଠୀ ଅନ୍ତତଃ ୪୦ଟି କ୍ଷେତ୍ର ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରିଛି। ଏହା ବାହାରେ ମଧ୍ୟ ଅନ୍ୟାନ୍ୟ ଏକଚାଟିଆ ଶିଳ୍ପଗୋଷ୍ଠୀ ରହିଛନ୍ତି। ଏହିଭଳି ଏକଚାଟିଆକରଣ ମାଧ୍ୟମରେ ବଜାରରେ ପଣ୍ୟର ଦାମ ମୁଷ୍ଟିମେୟ କେତେଜଣ ସ୍ଥିର କରୁଛନ୍ତି। ଏହାଫଳରେ ସେମାନେ ମନଇଚ୍ଛା ଦାମ ବଢାଇ ଅଗାଧ ମୁନାଫା ଲୁଟ୍ କରୁଛନ୍ତି।

ଫଳସ୍ୱରୂପ କ୍ରେତା ସଂଖ୍ୟା କିଛି କମିଲେ ମଧ୍ୟ ଭାରତ ଭଳି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ଉଚ୍ଚ ମଧ୍ୟବିତ୍ତ ଓ ଧନୀକ ଶ୍ରେଣୀଠାରୁ ପୁଞ୍ଜିପତିମାନେ ସେମାନଙ୍କର ଆବଶ୍ୟକ ମୁନାଫା ଅର୍ଜନ କରୁଛନ୍ତି। କେବଳ ତା'ନୁହେଁ, ବେଶ କିଛି ପ୍ରୟୋଜନୀୟ ସାମଗ୍ରୀ ରହିଛି ଯାହା ଏହି ସବୁ ଏକଚାଟିଆ କମ୍ପାନୀଗୁଡିକହିଁ ଉତ୍ପାଦନ କରନ୍ତି। ଚଢା ଦାମ ଦେଇ ସାଧାରଣ ଲୋକମାନେ ସେହିସବୁ ସାମଗ୍ରୀ ଖରିଦ କରିବାକୁ ବାଧ୍ୟ ହୁଅନ୍ତି। ଫଳରେ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଖର୍ଚ୍ଚ କାଟ କରିବାକୁ ସେମାନେ ବାଧ୍ୟ ହୁଅନ୍ତି। ଏହାଫଳରେ ସେମାନଙ୍କର ଜୀବନଧାରଣର ମାନ ହିଁ ନିମ୍ନଗାମୀ ହୁଏ। ଏହିଭଳି ଭାବରେ ବେକାରିତ୍ୱ ଓ ବେତନ ନ ବଢିବା ସହିତ ଦରବୃଦ୍ଧି ମଧ୍ୟ ସାମାଜିକ ଅସାମ୍ୟକୁ ତୀବ୍ରତର କରୁଛି।

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ ବିଜେପି ସରକାର କ୍ଷମତାସୀନ ହେବାପରେ ଆଦାନୀ-ଅମ୍ବାନୀ ସମେତ ଏକଚାଟିଆ ପୁଞ୍ଜିପତିମାନଙ୍କୁ ଯେଉଁଭଳି ଭାବରେ ସରକାରୀ ସହାୟତା ଦେଇଚାଲିଛି ତାହା ନଜିରବିହୀନ। ରାଷ୍ଟ୍ରାୟ କ୍ଷେତ୍ରକୁ ନିର୍ବିଚାରରେ ଏହିସବୁ ଏକଚାଟିଆ ପୁଞ୍ଜିପତିମାନଙ୍କ ହାତକୁ ସରକାର ଟେକି ଦେଉଛନ୍ତି। ଏହା ସହିତ ଶ୍ରମଆଇନ ଉଚ୍ଛେଦକରି ସରକାର ମାଲିକମାନଙ୍କୁ ନିରଙ୍କୁଶ ଶ୍ରମିକ ଶୋଷଣର ସୁଯୋଗ କରିଦେଉଛି। ଏକଚାଟିଆ ପୁଞ୍ଜିପିତମାନଙ୍କୁ ବ୍ୟାପକ କରଛାଡ ଓ ଅନ୍ୟ ନାନା ଧରଣର ରିହାତି ଦିଆଯାଉଛି। ଏହାଫଳରେ ଏକଚାଟିଆ ପୁଞ୍ଜିପତିମାନେ ବିପୁଳ ପୁଞ୍ଜିର ଅଧିକାରୀ ହେଉଛନ୍ତି। ଏହା ସହିତ ଯୁକ୍ତ ରହିଛି ବ୍ୟାପକ ଦୁର୍ନୀତି। ଶାସକ ଦଳର ପ୍ରରୋଚନାରେ ଏବଂ ଅମଲାମାନଙ୍କର ପ୍ରତ୍ୟକ୍ଷ ସହାୟତାରେ ଦୁର୍ନୀତି ସଂଗଠିତ ପ୍ରତିଷ୍ଠାନିକ ରୂପ ଧାରଣ କରଛି। ମାତ୍ର ଦୁର୍ନୀତି ବିରୁଦ୍ଧରେ ପ୍ରତିନିୟତ ଭାଷଣ ଦେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏ ବାବଦରେ ନିରବ। ଏହାଫଳରେ ସରକାରୀ ମଦଦପୁଷ୍ଟ ମୁଷ୍ଟିମେୟ ଏକଚାଟିଆ ପୁଞ୍ଜିପତି ଶ୍ରେଣୀ ଦ୍ରୁତ ଅକଳ୍ପନୀୟ ପରିମାଣର ପୁଞ୍ଜିର ମାଲିକରେ ପରିଣତ ହେଉଛନ୍ତି। ଏପରିକି ବିଶ୍ୱ ପୁଞ୍ଜିପତିମାନଙ୍କ ଶୀର୍ଷ ସ୍ଥାନରେ ପହଂଚି ଯାଇଛନ୍ତି। ସେଥିପାଇଁ ହିଁ ଦେଶର ମୋଟ ସଂପଦର ଶତକଡା ୪୦ଭାଗରୁ ଅଧିକ ଶତକଡା ୧ଭାଗ ଲୋକଙ୍କ ହାତରେ ଠୁଳ ହୋଇଛି। ଆଉ ସମସ୍ତ ସଂପଦର ସ୍ରଷ୍ଟା ଦେଶର ତଳେ ପଡିଥିବା ଶତକଡା ୫୦ଭାଗ ଲୋକ ହାତରେ ରହିଛି ମାତ୍ର ଶତକଡା ୧ଭାଗ ସଂପଦ। ଅନ୍ୟପଟରେ ଏହି ଏକଚାଟିଆ ପୁଞ୍ଜିପତିମାନେ ଶାସକ ଦଳର ଭଣ୍ଡାର ଭର୍ତ୍ତି କରି ଦେଉଛନ୍ତି ଏବଂ ଏହି ଅର୍ଥ ଖର୍ଚ୍ଚକରି ଶାସକ ଦଳ ଗୁଡିକ ନିର୍ବାଚନକୁ ପ୍ରଭାବିତ କରିଚାଲିଛନ୍ତି। ସରକାରୀ କ୍ଷମତାରେ ଆସୀନ ଦଳମାନଙ୍କ ସହିତ ଏହି ଧନକୁବେର ପୁଞ୍ଜିପତିମାନଙ୍କର ଏହି ଧରଣର ଅନୈତିକ ସଂପର୍କକୁ ପୁଞ୍ଜିବାଦୀ ଅର୍ଥନୀତିବିଦ୍ ମାନେହିଁ କ୍ରୋନି କ୍ୟାପିଟାଲିଜିମ୍ ବୋଲି କହୁଛନ୍ତି। ପଚମାନ, ପ୍ରତିକ୍ରିୟାଶୀଳ ପୁଞ୍ଜିବାଦର ବର୍ତ୍ତମାନ ସାମ୍ରାଜ୍ୟବାଦୀ ଯୁଗରେ ସମଗ୍ର ବିଶ୍ୱରେ ହିଁ ଏହି କ୍ରୋନି କ୍ୟାପିଟାଲିଜମ୍ ଦେଖିବାକୁ ମିଳୁଛି।

ବିଜେପି ନେତୃତ୍ୱାଧୀନ ବର୍ତ୍ତମାନର କେନ୍ଦ୍ର ସରକାର ହେଉଛି ଏହି କ୍ରୋନି ପୁଞ୍ଜିପତିମାନଙ୍କର ଅତ୍ୟନ୍ତ ବିଶ୍ୱସ୍ତ ଓ ନିର୍ଭରଯୋଗ୍ୟ ସରକାର।

ଏମାନଙ୍କର ଏକମାତ୍ର କାମ ହେଉଛି ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥରକ୍ଷା କରିବା। ଏହି ସତ୍ୟ କେନ୍ଦ୍ର ଓ ରାଜ୍ୟ ମାନଙ୍କରେ ଶାସନ କରୁଥିବା ବିଜେପି ସରକାର ସମେତ ଅନ୍ୟାନ୍ୟ ଦଳର କାର୍ଯ୍ୟକଳାପରୁହିଁ ପ୍ରମାଣିତ ହେଉଛି। ଯେଉଁମାନେ ଏହି ପୁଞ୍ଜିବାଦୀ ବ୍ୟବସ୍ଥାକୁ ଗଣତାନ୍ତ୍ରିକ ଅର୍ଥାତ୍ ଏଠାରେ ସମସ୍ତଙ୍କର ସମାନ ଅଧିକାର ରହିଛି ବୋଲି ଭାବି ତୃପ୍ତ ହେଉଛନ୍ତି, ମୋଦି ସରକାର ସେମାନଙ୍କ ଆଖିରେ ଆଙ୍ଗୁଳି ଦେଇ ଦେଖାଇ ଦେଉଛି ଯେ, ସମଗ୍ର ବ୍ୟବସ୍ଥା ମଧ୍ୟରେ କେଉଁଠାରେ ମଧ୍ୟ ଜନସ୍ୱାର୍ଥ ବୋଲି କିଛି ନାହିଁ। ସାଧାରଣ ମଣିଷ ଅନାହାରରେ ମରୁଛି, ବିନା ଚିକିତ୍ସାରେ ମରୁଛି, ଅଶିକ୍ଷାର ଅନ୍ଧକାରରେ ବୁଡି ରହିଛି ଆଉ ସରକାର ଓ ସରକାରଙ୍କର ପଦଲେହନକାରୀ ତଥାକଥିତ ବୁଦ୍ଧିଜୀବୀମାନେ ପ୍ରଚାର କରୁଛନ୍ତି- ଦେଶ ଆଗେଇ ଚାଲିଛି, ଭାରତ ୫ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେଉଛି, ଆମେ ଜାପାନ-ଜର୍ମାନୀକୁ ପଛରେ ପକେଇ ଆଗେଇ ଚାଲିଛୁ।

ହିଁ ଦେଶର ଆର୍ଥିକ ଉନ୍ନତି ହେଉଛି। ଦେଶର କୋଟି କୋଟି ଜନସାଧାରଣ ସକାଳୁ ସଂନ୍ଧ୍ୟା ପର୍ଯ୍ୟନ୍ତ ଯେଉଁ ହାଡଭଙ୍ଗା ପରିଶ୍ରମ କରୁଛନ୍ତି, ତା'ର ତ କିଛି ନା କିଛି ଫଳ ରହିଛି। ମାତ୍ର ସେହି ଫସଲ କାହା ଖଳାରେ ଯାଇ ଗଦା ହେଉଛି। ସେହି ସଂପଦର ମାଲିକ କିଏ ? ତାର ମାଲିକ ହେଉଛନ୍ତି ମୁଷ୍ଟିମେୟ ଏକଚାଟିଆ ପୁଞ୍ଜିପତି। ସେମାନଙ୍କ ସଂପଦ ବୃଦ୍ଧିକୁ ହିଁ ଦେଶର ସଂପଦ ବୃଦ୍ଧି ବୋଲି ପ୍ରଚାରକରି ଚାଲିଛି ସଂଘ ପରିବାର ଓ ଏହାର ଅନ୍ଧ ସମର୍ଥକ। ପୁଞ୍ଜିପତିମାନଙ୍କର ଅନୁଗତ ଅନ୍ୟାନ୍ୟ ରାଜନୈତିକ ଦଳଗୁଡିକ ମଧ୍ୟ ତାହା ହିଁ କରୁଛନ୍ତି। ମାତ୍ର ଏହି ସଂପଦ ବୃଦ୍ଧି ସହିତ ଦେଶର ଶ୍ରମିକ-କୃଷକ-ନିମ୍ନ ଆୟକାରୀ ଜନସାଧାରଣ-ମଧ୍ୟବିତ୍ତଙ୍କୁ ମିଶାଇ ଯେଉଁ ବିରାଟ ଜନସଂଖ୍ୟା, ସେମାନଙ୍କର କୌଣସି ସଂପର୍କ ନାହିଁ। ଗୋଟିଏ ଉନ୍ନତ ଦେଶର ଅର୍ଥ ହେଉଛି ଦେଶର ଏହି ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କ ଜୀବନ ଧାରଣର ମାନରେ ଉନ୍ନତି। ସେମାନଙ୍କର ଶିକ୍ଷା, ଚିକିତ୍ସା, ବାସସ୍ଥାନ, କର୍ମସଂସ୍ଥାନର ସୁବ୍ୟବସ୍ଥା। ତା' କ'ଣ ହୋଇଛି ?

ଆଉ ଏହି ସତ୍ୟଟିକୁ ଯେଭଳି ସାଧାରଣ ମଣିଷ ଧରି ନପାରେ, ବୁଝିନପାରେ ସେଥିପାଇଁ ହିଁ ସେମାନଙ୍କୁ ଧର୍ମର ଅଫିମ ଖୁଆଇ ନିଦ୍ରିତ ଅବସ୍ଥାରେ ରଖିବାପାଇଁ ଉଦ୍ୟମ କରାଯାଉଛି। ଯାହାଫଳରେ କି ସମସ୍ତ ଶୋଷିତ ଜନସାଧାରଣଙ୍କର ମୂଳ ଶତ୍ରୁ ପୁଞ୍ଜିବାଦକୁ, ପୁଞ୍ଜିପତି ଶ୍ରେଣୀକୁ ସେମାନେ ଚିହ୍ନି ନପାରନ୍ତି। ସେମାନେ ଯେମିତି ଶୋଷିତ ମଣିଷର ଅନ୍ୟ ଏକ ଅଂଶକୁ ନିଜର ମୂଳ ଶତ୍ରୁ ବୋଲି ଭାବନ୍ତି।

ଦେଢଶହ ବର୍ଷରୁ ଅଧିକ ସମୟ ପୂର୍ବରୁ ଶୋଷଣ ମୁକ୍ତିର ଦିଶାରୀ ମହାନ କାର୍ଲ ମାର୍କ୍ସ ଦେଖାଇ ଯାଇଛନ୍ତି ଯେ, ପୁଞ୍ଜିବାଦର ସ୍ୱାଭାବିକ ଆୟୁ ଶେଷ ହୋଇଯାଇଛି। ଧାରକରା ଆୟୁରେ ପୁଞ୍ଜିବାଦ ବଂଚିଛି। ଶୋଷିତ ମଣିଷ, ଶ୍ରମିକ ଶ୍ରେଣୀ ଯେଉଁ ମୁହୂର୍ତ୍ତରେ ରାଜନୈତିକ ଭାବରେ ସଚେତନ ହେବେ ଏବଂ ତା'ର ଭିତ୍ତିରେ ସଂଗଠିତ ହେବେ, ସେହି ମୁହୂର୍ତ୍ତରେହିଁ ପୁଞ୍ଜିବାଦୀ ବ୍ୟବସ୍ଥାଟି ତାସର ଘରଭଳି ଭାଙ୍ଗି ପଡିବ। ମାତ୍ର ଯଥାର୍ଥ କମ୍ୟୁନିଷ୍ଟ ପାର୍ଟି ଗୁଡିକର ଯଥେଷ୍ଟ ଶକ୍ତିର ଅଭାବ ଫଳରେ ଏବଂ ମାଲିକ ଶ୍ରେଣୀର ସହାୟତାରେ ସୋସାଲ ଡେମୋକ୍ରାଟିକ ଶକ୍ତିଗୁଡିକର ପ୍ରଭାବ ଶ୍ରମିକ ଶ୍ରେଣୀ ଉପରେ ବଳବତ୍ତର ରହିବା ଫଳରେ ପୁଞ୍ଜିବାଦ ଆଜି ବି ଅବାଧ ଲୁଟ୍ ଚଳାଇଛି। ଗୋଟିଏ ଦିଗରେ ସୋସାଲ ଡେମୋକ୍ରାସିକୁ ପରାସ୍ତ କରିବା, ଅନ୍ୟଦିଗରେ ବିପ୍ଳବୀ ତଥା ଯଥାର୍ଥ କମ୍ୟୁନିଷ୍ଟ ପାର୍ଟିଗୁଡିକୁ ଅତିଦ୍ରୁତ ଶକ୍ତିଶାଳୀ କରିବା ମଧ୍ୟ ଦେଇ ହିଁ ଏହି ଶୋଷଣମୂଳକ ପୁଞ୍ଜିବାଦୀ ବ୍ୟବସ୍ଥାକୁ ଧ୍ୱଂସ କରିବା ସମ୍ଭବ।

★ ★ ★

## ଘରେ ନ ପଶୁଣୁ . . .

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ସିଫ୍ଟରେ ଦେଢ ଘ । କରି ସକାଳ ୯.୩୦ରୁ ୧୧ଟା, ୧୨ଟାରୁ ୧.୩୦ ଓ ୩.୩୦ରୁ ୫ଟା ପର୍ଯ୍ୟନ୍ତ ହେବା ପାଇଁ ସମୟ ନିର୍ଘ  କରାଯାଇଥିଲା। ଓଡିଶା ସାରା ପରୀକ୍ଷା କେନ୍ଦ୍ର କରାଯାଇଥିଲା। ପରୀକ୍ଷା ପରିଚାଳନା ପାଇଁ ଟେଣ୍ଡର ଡକାଯାଇଥିଲା। ଓଏସ୍ଏସ୍ଏସ୍ସି ପରୀକ୍ଷା ପରିଚାଳନା ପାଇଁ ଶେଷରେ ଏକ ଘରୋଇ ସଂସ୍ଥା ସିଫି ଟେକ୍ନୋଲୋଜିକୁ ଦାୟିତ୍ୱ ଦିଆଯାଇଥିଲା। ଏହି ସଂସ୍ଥା ପୂର୍ବରୁ ମଧ୍ୟ ଏକ ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିଲା ଏବଂ ପ୍ରଶ୍ନ ପତ୍ର ବିଭ୍ରାଟ ଅଭିଯୋଗରେ କଳା ତାଲିକାଭୁକ୍ତ ହୋଇଥିଲା, ଯାହା ମଧ୍ୟ ଗଣମାଧ୍ୟମରେ ପ୍ରକାଶିତ ହୋଇଛି। ପରୀକ୍ଷା କେନ୍ଦ୍ର ପାଇଁ ଯେଉଁସବୁ ସ୍ଥାନ ଚୟନ କରାଯାଇଥିଲା ତା ସମସ୍ତଙ୍କୁ ତାଜୁବ କରିଦେଇଛି। ବିବାହ ମଣ୍ଡପ, ସାଇବର କାଫେ, ଦୋକାନ ବଜାର, ସର୍ବନିମ୍ନ ଭି ି ଭୂମି ନଥିବା ଦୁଇବଖରିଆ କିଛି ଲୋକଙ୍କ ଘରେ ପରୀକ୍ଷା ହୋଇଛି। ପୁଣି ଘନ ଘନ ବିଦ୍ୟୁତ କାଟ ହେଉଥିବା ଓ ଦୁର୍ବଳ ନେଟୱାର୍କ ଥିବା ସ୍ଥାନ ବି ଏଥିପାଇଁ ଚୟନ କରାଯାଇଛି। ଖୋଦ ରାଜଧାନୀ ଭୁବନେଶ୍ୱରର ଏକ କେନ୍ଦ୍ରରେ ହୋଇଥିବା ବିଭ୍ରାଟରୁ ରାଜ୍ୟର ଅନ୍ୟାନ୍ୟ ଦୂର ଦୂରାନ୍ତ ଅଂଚଳର ଦୟନୀୟ ଅବସ୍ଥାକୁ ବୁଝିହେବ। ସେପ୍ଟେମ୍ବର ୩୦ତାରିଖ ଦିନ ସାରା ଓଡିଶା ନିମନ୍ତେ ତୃତୀୟ ସିଫ୍ଟରେ ୩ଟା ୩୦ରୁ ୫ଟା ପର୍ଯ୍ୟନ୍ତ ପରୀକ୍ଷା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ସେହି ଅନୁଯାୟୀ ନିର୍ଦ୍ଧାରିତ ସମୟରେ ବହୁ ସ୍ଥାନରେ ପରୀକ୍ଷା ଶେଷ ହୋଇଥିଲା। ମାତ୍ର ଭୁବନେଶ୍ୱରର ଏହି କେନ୍ଦ୍ରରେ ସେହି ସମାନ ପ୍ରଶ୍ନ ପତ୍ରରେ ୫ଟା ୩୦ମିନିଟରେ ପରୀକ୍ଷା ଆରମ୍ଭ ହେଲା। ତା'ହେଲେ ଏଠି ପ୍ରଶ୍ନପତ୍ର ବିଭ୍ରାଟର ଅଭିଯୋଗକୁ କିଭଳି ଅସ୍ୱୀକାର କରାଯିବ ? ଲକ୍ଷଣୀୟ ବିଷୟ ହେଲା, ଏହି ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ସ୍ଥାନୀୟ ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀ ଥିଲେ। ଅନୁରୂପ ଘଟଣା ବହୁ ସ୍ଥାନରେ ବିଭିନ୍ନ ସମୟରେ ଘଟିଛି। ଆହୁରି ବି ଦେଖାଯାଇଛି, କିଛି କିଛି କେନ୍ଦ୍ରରେ ଛାତ୍ର ଛାତ୍ରୀମାନେ ଆସିଯାଇଛନ୍ତି, ମାତ୍ର ପରୀକ୍ଷା ଆରମ୍ଭ ହୋଇନାହିଁ। ଦ୍ୱିତୀୟ ସିଫ୍ଟର ସମୟ ହୋଇଯାଇଛି, ପ୍ରଥମ ସିଫ୍ଟ ସରିନାହିଁ। କେନ୍ଦ୍ର ବାହାରେ ବସିବା ବା ଠିଆ ହେବାକୁ ବି ଜାଗା ନାହିଁ। ପୁଣି କିଛି କିଛି କେନ୍ଦ୍ରରେ ନିର୍ଦ୍ଧାରିତ ହୋଇଥିବା ଲ୍ୟାବରେ କମ୍ପ୍ୟୁଟର ନାହିଁ। ସମସ୍ତେ ଖାଲି ବସିଛନ୍ତି। ପରେ ପାଟି ତୁଣ୍ଡ କଲାପରେ କମ୍ପ୍ୟୁଟର ଆସିଛି। ପୁଣି କେଉଁଠି କମ୍ପ୍ୟୁଟର ଅଛି ମାଉସ ଚାଲୁନାହିଁ। କେଉଁଠି କମ୍ପ୍ୟୁଟର ହଠାତ୍ ଅଫ ହୋଇଯାଇଛି। ୨୦ ମିନିଟ୍ ୩୦ ମିନିଟ୍ ପରେ ଅନ୍ ହୋଇଛି। ଏହିସବୁ ଅବ୍ୟବସ୍ଥା ଯୋଗୁ ଯେଉଁ ସମୟ ନଷ୍ଟ ହେଲା ସେଥିପାଇଁ ମଧ୍ୟ ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ସମୟ ଦିଆଯାଇ ନାହିଁ। ଦେଖାଯାଇଛି ଏହି କଳାମାର୍କା ଘରୋଇ ସଂସ୍ଥା କେଉଁଠୁ ଅଚଳ କମ୍ପୁଟର ତରବରିଆଭାବେ ମରାମତି କରି ଆଣି ବସାଇ ଦେଇଛି। ତେଣୁ ବହୁ ଆଶାୟୀ ଅଭିଯୋଗ କରିଛନ୍ତି ଥରେ କ୍ଲିକ୍ କଲେ କମ୍ପ୍ୟୁଟର ଖୋଲିନଥିଲା। ୩ରୁ ୪ଥର କଲେ ଯାଇ ହେଉଥିଲା। ଏଥିପାଇଁ ବହୁ ସମୟ ମଧ୍ୟ ନଷ୍ଟ ହେଉଥିଲା। ବହୁ ସ୍ଥାନରେ ସର୍ଭର ଡାଉନ ଯୋଗୁ ବହୁ ବିଳମ୍ବରେ ସିଫ୍ଟ ଆରମ୍ଭ ହେଉଥିଲା। କେଉଁ କେନ୍ଦ୍ରରେ ଦ୍ୱିତୀୟ ସିଫ୍ଟ ସରିଲାଣି, ଆଉ କେଉଁଠି ପ୍ରଥମ ସିଫ୍ଟ ଆରମ୍ଭ ହୋଇନି। ପ୍ରଶ୍ନ ପତ୍ର ଖୁଲମ ଖୁଲା ଘୁରି ବୁଲୁଛି। ଜଣେ ଆଶାୟୀ ଛାତ୍ରୀ ସର୍ଭର ଡାଉନ ଯୋଗୁ ପରୀକ୍ଷା ଦେଇନପାରି କାନ୍ଦି କାନ୍ଦି ଗଣମାଧ୍ୟମ ସାମ୍ନାରେ କହିଛନ୍ତି, କିଭଳି ତାଙ୍କୁ ସିଫ୍ଟ କର୍ମଚାରୀମାନେ ଥଣ୍ଡା ପିଆଇ ମିଛ ପ୍ରତିଶୃତି ଓ ସାନ୍ତ୍ୱନା ଦେଇ ଅଟକାଇଥିଲେ। ପରେ ସମୟ ପାର ହୋଇଯାଇଛି। ସେ ପରୀକ୍ଷା ଦେବାରୁ ବଂଚିତ ହୋଇଛନ୍ତି। ଏମିତି ବି ହୋଇଛି, ସିଫ୍ଟ ସମୟ ବିଭ୍ରାଟ ଯୋଗୁ ବହୁ ଆଶାୟୀ ପରୀକ୍ଷା ନଦେଇ ପାରି କାନ୍ଦି କାନ୍ଦି ଫେରିବାକୁ ବାଧ୍ୟ ହୋଇଛନ୍ତି। ଓଡିଶା ସାରା ସେ  ର କରାଗଲା ନିଜ ଜିଲ୍ଲାରୁ ଛାତ୍ର ଛାତ୍ରୀମାନେ ବହୁ ଦୂର ଦୂରାନ୍ତ ଜିଲ୍ଲାର ଅଜଣା ଅଂଚଳକୁ ପରୀକ୍ଷା ଦେବାକୁ ଗଲେ। ବହୁ ଖର୍ଚ୍ଚାନ୍ତ ହେବାକୁ ପଡିଲା। ଏପରି ସ୍ଥାନରେ ବି ପରୀକ୍ଷା କେନ୍ଦ୍ର ହୋଇଛି, ଯେଉଁଠି ନା ରହିବାର ବ୍ୟବସ୍ଥା ଅଛି, ଯାତାୟତରେ ସୁବିଧା ଅଛି ନା କିଛି ଖାଦ୍ୟ ମିଳିବାର ସମ୍ଭାବନା ଅଛି। ଛାତ୍ରଛାତ୍ରୀମାନେ ବିଶେଷ କରି ଆଶାୟୀ ଛାତ୍ରୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଛାତ୍ରଛାତ୍ରୀ ଓ ସେମାନଙ୍କ ସହିତ ଥିବା ଅଭିଭାବକମାନେ ଏହିଭଳି ସମସ୍ୟାରେ ଅତିଷ୍ଠ ହୋଇଯାଉଥିବାବେଳେ 'ଜନତାର ସରକାର' ବୋଲାଉଥିବା ରାଜ୍ୟ ସରକାରଙ୍କର କୌଣସି ମନ୍ତ୍ରୀ ବା ପ୍ରତିନିଧି ବା ପ୍ରଶାସନ ତରଫରୁ କାହାରି ଦେଖା ମିଳିନଥିଲା। ବରଂ ଏହି ଅସୁବିଧାର ସୁଯୋଗ ନେଇ ଯେତେ ଇଛା ଲୁଟିବା ପାଇଁ ବେପାରୀ ଓ କିଛି ଗାଡିବାଲାମାନଙ୍କୁ ସୁଯୋଗ କରିଦିଆଯାଇଥିଲା। କ୍ୟାମେରା ଆଗରେ ଜନୈକ ସିଫି କର୍ମଚାରୀଙ୍କ ବୟାନ ମଧ୍ୟ ଅତି ଔଦ୍ଧତ୍ୟପୂର୍ଣ୍ଣ ଓ ଅମାନବିକ। ସେ କହିଛନ୍ତି, ଯଦି ଅସୁବିଧା ହେଉଛି ତେବେ ଓଏସ୍ଏସ୍ଏସ୍ସି ପାଖରେ ଯାଇ ଅଭିଯୋଗ କର। ଓଏସ୍ଏସ୍ଏସ୍ସି କେଉଁଠି, ତା' କିଏ ଜାଣେ। ଇଏ ତ ଥୁ । ବରଗଛ ଭଳି କେଉଁଠି ଯାଇ ବସିଛି। ଏହି ପରିସ୍ଥିତିରେ ବହୁ ଆଶାୟୀ ଛାତ୍ରଛାତ୍ରୀ ନିଜର ଅଭିଯୋଗ ଜଣାଇବା ପାଇଁ କେତେ ବିଭାଗ ଓ ମନ୍ତ୍ରୀଙ୍କ ଦୁଆରକୁ ଗଲେ। ସେଠୁ କ'ଣ ପାଇଲେ ? ଏପରିକି ସେହି ମନ୍ତ୍ରୀ ଅଫିସରମାନଙ୍କର ଦେଖା ବି ପାଇଲେ ନାହିଁ। 'ଜନତାର ମୁଖ୍ୟମନ୍ତ୍ରୀ' ବୋଲାଉଥିବା ମୁଖ୍ୟମନ୍ତ୍ରୀଙ୍କ 'ଅଭିଯୋଗ ପ୍ରକୋଷ୍ଠ'ରେ ବି ତାଲା ପଡିଗଲା। ଆଉ ଜଣେ କୁହାଳିଆ ମନ୍ତ୍ରୀ ହେଲେ ଉଚ୍ଚ ଶିକ୍ଷା ମନ୍ତ୍ରୀ, ଯିଏ କଥାରେ କଥାରେ କୁହନ୍ତି, 'ଆମ ସରକାର ଲୋକଙ୍କ ସରକାର', 'ଆମ ଦୁଆର ଲୋକଙ୍କ ପାଇଁ ସବୁବେଳେ ଖୋଲା'। ନିଜର ଦୁଃଖ ଓ ଅଭିଯୋଗ ଜଣାଇବା ପାଇଁ ଆଶାୟୀ ଛାତ୍ରଛାତ୍ରୀମାନେ ଯେତେବେଳେ ଏହି ମନ୍ତ୍ରୀଙ୍କ ବାସଭବନକୁ ଗଲେ, ସେତେବେଳେ ୟାଙ୍କର ବି ଦୁଆର ସଙ୍ଗେ ସଙ୍ଗେ ବନ୍ଦ ହୋଇଗଲା। ପିଲାମାନେ କହିଛନ୍ତି, 'ମନ୍ତ୍ରୀ କୁଆଡେ ପଛପଟ ଦୁଆର ଦେଇ ପଳାଇଗଲେ।' ଏତେ ପ୍ରତିବାଦ ସ ୍ ବି ଏପର୍ଯ୍ୟନ୍ତ ରାଜ୍ୟ ସରକାର ଏ ସଂପର୍କରେ କୌଣସି ସ୍ୱଷ୍ଟ ବିବତି ସରକାରୀଭାବେ ରଖି ନାହାନ୍ତି। ଗତ ସେପ୍ଟେମ୍ବର ୫ତାରିଖରେ ରାଜସ୍ୱ ମନ୍ତ୍ରୀ ଗଣମାଧ୍ୟମ ସାମ୍ନାରେ ଆସି ଖାଲି ଉଦ୍‌ବେଗ ପ୍ରକାଶ କଲେ ଓ କହିଲେ ପରୀକ୍ଷା ପରିଚାଳନା କରୁଥିବା ଏସ୍ଏସ୍ଏସ୍ସି ତାଙ୍କ ବିଭାଗର ଅଧିନାରେ ନାହିଁ। ତେବେ ଏହା କେଉଁ ବିଭାଗ ଅଧିନରେ ଅଛି, କେଉଁ ମନ୍ତ୍ରୀ ବା ଅଧିକାରୀଙ୍କର ଏହି ଅଭିଯୋଗର ଉଚିତ ଜବାବ ଦେବା ଓ ପ୍ରୟୋଜନୀୟ ପଦକ୍ଷେପ ନେବାର କ୍ଷମତା ଅଛି ? ଯଦି ଏହା ତାଙ୍କ ବିଭାଗ ଅଧିନରେ ଆସୁନାହିଁ ତେବେ ସେ କ'ଣ ପାଇଁ ଏତେକଥା କହୁଛନ୍ତି। ଏହି ସମସ୍ତ ପ୍ରଶ୍ନ ନା ସରକାରଙ୍କ ସ୍ତାବକ ସାଜିଥିବା ଗଣମାଧ୍ୟମର ପ୍ରତିନିଧି ମାନେ ପଚାରିଲେ ନା ସେ ନିଜ ଆଡୁ ଏହାର ଉ  ର ଦେଲେ। ଅବଶ୍ୟ କହିଲେ, ସେ କୁଆଡେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି ଓ ସଂପୂର୍ଣ୍ଣ ଘଟଣାର ଯା  କରି ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଉଛି। ତେବେ ଇତିମଧ୍ୟରେ ପ୍ରାୟ ୨ ମାସରୁ ଅଧିକ ହୋଇଗଲାଣି। କେଉଁ ବିଭାଗୀୟ ଅଧିକାରୀମାନେ କି ଯା  କରୁଛନ୍ତି, ରିପୋର୍ଟ କେବେ ଆସିବ, ଆଶାୟୀମାନଙ୍କୁ କେବେ ନ୍ୟାୟ ମିଳିବ ବା କେହି ଦୋଷୀ ଚିହ୍ନଟ ହେବେ କି ନାହିଁ ବା ଯଦି ହେବେ ତା'ହେଲେ ତାଙ୍କୁ କି ଦଣ୍ଡ ମିଳିବ, ଏସବୁ ବିଷୟ କାହାରିକୁ ଜଣା ନାହିଁ।

ଜନଦରଦୀ 'ଲୋକଙ୍କର ସରକାର' ବୋଲାଉଥିବା ରାଜ୍ୟ ବିଜେପି ସରକାରର ଏହା ହେଉଛି ଜନଦରଦୀ ଚରିତ୍ର ! ବେକାର ଯୁବକ ଯୁବତୀମାନଙ୍କର ଭବିଷ୍ୟତକୁ ନେଇ କିପରି ଘୃଣ୍ୟ ଖେଳ ଖେଳାଯାଏ ତାର ନଗ୍ନ ନମୁନା ଆମେ ବିଜେପି ଶାସିତ ମଧ୍ୟପ୍ରଦେଶ, ଉ  ର ପ୍ରଦେଶ, ଗୁଜୁରାଟ ଆଦି ରାଜ୍ୟମାନଙ୍କୁ ଦୂରରୁ ଥାଇ ଦେଖୁଥିଲୁ। କିଛି ବର୍ଷତଳେ ସରକାରୀ ନିଯୁକ୍ତି କ୍ଷେତ୍ରରେ ମଧ୍ୟପ୍ରଦେଶରେ ହୋଇଥିବା ଲୋମହର୍ଷଣକାରୀ ବ୍ୟାପମ ଦୁର୍ନୀତି ଓ ବିଜେପି ଦଳର ତୁଙ୍ଗ ନେତା ଏପରିକି ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ତଥା ବହୁ ମନ୍ତ୍ରୀ ବିଧାୟକଙ୍କ ସଂପୃକ୍ତି ଅଭିଯୋଗ ଏବଂ ଅଭିଯୋଗକୁ ଚପାଇ ଦେବାପାଇଁ ୬୦ରୁ ଉର୍ଦ୍ଧ୍ୱ ଲୋକ ତଥା ସାକ୍ଷୀଙ୍କର ହତ୍ୟା ଘଟଣା ମନରୁ ଲିଭି ନାହିଁ। ଏକ ବେସରକାରୀ ସ୍ୱୟଂ ଚାଳିତ ସଂସ୍ଥା ଏନ୍‌ଟିଏ(ନେସନାଲ ଟେଷ୍ଟିଂ ଏଜେନ୍ସି) ଦ୍ୱାରା ସଂପ୍ରତି କରାଯାଇଥିବା ନିଟ୍(ମେଡିକାଲ) ପରୀକ୍ଷାରେ ହୋଇଥିବା ଦୁର୍ନୀତି ଓ କେଳେଙ୍କାରୀର କ୍ଷତ ମଧ୍ୟ ଶୁଖି ନାହିଁ। କେନ୍ଦ୍ର ସରକାର ବିଜେପି ଦଳର ଆଦର୍ଶ ଆରଏସ୍ଏସ୍‌ର ଏକଦା ଶୀର୍ଷ ନେତୃତ୍ୱରେ ଥିବା ପଦାଧିକାରୀ ଓ କର୍ମକ ୍ତା ମାନଙ୍କୁ ଏହି ସଂସ୍ଥାର ଉଚ୍ଚପଦବୀରେ ମନୋନୀତ କରି ବସାଇଛନ୍ତି। ସର୍ବନିମ୍ନ ଭି ି ଭୂମି ବିନା ଓ ମାତ୍ର ୨୫ଜଣ ସ୍ଥାୟୀ କର୍ମଚାରୀଙ୍କୁ ନେଇ ଦେଶର ଆଇନର ଉର୍ଦ୍ଧ୍ୱରେ ରହି ଏହି ସଂସ୍ଥା ଲକ୍ଷ ଲକ୍ଷ ଛାତ୍ର ଛାତ୍ରୀଙ୍କ ପାଇଁ ମେଡିକାଲ ଓ ଅନ୍ୟାନ୍ୟ ପରୀକ୍ଷା କରାଏ। ତେଣୁ ଦିନରାତି ପରିଶ୍ରମ କରି, ବହୁ ଟଙ୍କା ଖର୍ଚ୍ଚ କରି ମେଡିକାଲ ପଢିବା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନେ ନିଟ୍ ପରୀକ୍ଷାର ଦୁର୍ନୀତି ଓ କେଳେଙ୍କାରୀର ଶୀକାର ହୋଇ ମାନସିକ ଭାରସାମ୍ୟ ହରାଉଛନ୍ତି। ଅନେକ ଆତ୍ମହତ୍ୟା କରୁଛନ୍ତି, କେତେ ପରିବାର ଛାରଖାର ହୋଇଯାଉଛି। ରାଜ୍ୟର ପ୍ରତିଷ୍ଠିତ 'ଡବଲ ଇଞ୍ଜିନ' ସରକାର ଡବଲ ସ୍ପିଡରେ ଲୋକଙ୍କ ଛାତି ଉପରେ ମାଡି ଚାଲିଛି। ଆର ଆଇ ଅମିନ ପରୀକ୍ଷାର କେଳେଙ୍କାରୀ ଓ ଦୁର୍ନୀତି ତ ଆରମ୍ଭ ମାତ୍ର। ରାସ୍ତା ଘାଟରେ ତ କଥାପଡିଛି, ୨୦ଲକ୍ଷ, ୩୦ଲକ୍ଷ ଟଙ୍କାରେ ଚାକିରୀ ବିକ୍ରି ହେଉଛି। ସମସ୍ତେ କହୁଛନ୍ତି, ଚାକିରୀ ବିକ୍ରୀ ସରିଛି, ସିଫି କମ୍ପାନୀ ମାଲେମାଲ ହୋଇଯାଇଛି। ସରକାରୀ ଦଳର ନେତା ମନ୍ତ୍ରୀ ଅଫିସର ଭଲ ପଇସା କମେଇ ସାରିଛନ୍ତି। ଏ ପରୀକ୍ଷା ଥିଲା ଏକ ନାଟକ, ଏକ ପ୍ରହସନ ମାତ୍ର। ଆହୁରି ବି ପ୍ରଶ୍ନ ଉଠିଛି, ଏହି ଘଟଣାରେ ଯଦି ସରକାରୀ କଳ, ଶାସକ ବିଜେପି ଦଳ ସଂପୃକ୍ତ ନୁହେଁ, ତେବେ ଏତେବଡ ଏକ କେଳେଙ୍କାରୀର ପର୍ଦ୍ଦାଫାସ କରିବାରେ ଏ ସରକାର ତତ୍ପର ନୁହେଁ କାହିଁକି ? ମୁଖ୍ୟମନ୍ତ୍ରୀଙ୍କ 'ଅଭିଯୋଗ ପ୍ରକୋଷ୍ଠ'ରେ ନ୍ୟାଯ୍ୟ ଦାବି ନେଇ ପ୍ରତିବାଦ କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଜାଗା ନାହିଁ କାହିଁକି ବା ମୁଖ୍ୟମନ୍ତ୍ରୀ ବା ଅନ୍ୟାନ୍ୟ ମନ୍ତ୍ରୀମାନଙ୍କର ଏ ସଂକ୍ରାନ୍ତରେ ସତ୍ୟ ପ୍ରକାଶ କରିବାରେ ସାହସ ନାହିଁ କାହିଁକି ? ସିଫି ଟେକ୍ନୋଲୋଜି ଭଳି ଏକ କଳା ତାଲିକାଭୁକ୍ତ ଘରୋଇ ସଂସ୍ଥାକୁ ଏତେବଡ ଏକ ପରୀକ୍ଷା ପରିଚାଳନାର ଦାୟିତ୍ୱ ଦେବା କ୍ଷେତ୍ରରେ କେଉଁମାନେ ସଂପୃକ୍ତ ଓ ଏଠି ଭିତିରିଆ କେତେ ଲେଣ ଦେଣ ହୋଇଛି ? ତ୍ୱରିତ ଗତିରେ ଯା  ପ୍ରକ୍ରିୟା ଶେଷକରି ସଂପୃକ୍ତ ଅପରାଧୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା କ୍ଷେତ୍ରରେ ଏ ସରକାର ଏତେ ଟାଳଟୁଳ ନୀତି କାହିଁକି ନେଉଛନ୍ତି ? ତେବେ ଆମେ ମନେକରୁ, ଏସବୁ ପ୍ରଶ୍ନର ଗୋଟିଏ ମାତ୍ର ଉ  ର, ସଠିକ ନେତୃତ୍ୱର ପରିଚାଳନାରେ ଶକ୍ତିଶାଳୀ ଜନଆନ୍ଦୋଳନ।

★ ★ ★

## ସରକାରୀ ପ୍ରତିଶ୍ରୁତିର . . .

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ପରିସଂଖ୍ୟାନ ଯେଉଁ ତଥ୍ୟ ଦେଉନା କାହିଁକି, ସାଧାରଣ ଲୋକଙ୍କର ଅଙ୍ଗେ ନିଭା ଅନୁଭୂତି ଆହୁରି ବେଦନାଦାୟକ, ମର୍ମାନ୍ତିକ। ବଜାରର ନିଆଁ ଲୋକଙ୍କୁ ଜାଳି ପୋଡି ମାରୁଛି। ଚାଉଳ ଅଟା ତେଲ ଲୁଣଠୁ ଆରମ୍ଭକରି ପନିପରିବା ଭଳି ଅତ୍ୟାବଶ୍ୟକ ସାମଗ୍ରୀ କିଣିବାରେ ଲୋକଙ୍କର ଜୀବନ ଚାଲିଯାଉଛି। ଫଳରେ ବ ର୍ମାନ ଭାତ ଥାଳି ପାଖରୁ ଡାଲି ଉଭାନ। ଗିନାର କେଉଁ କୋଣରେ ତରକାରୀ ଟିକେ ପଡିଛି ତା' ଦେଖାଯାଉ ନାହିଁ। ଡାଲି ନାଁରେ ଗରମ ପାଣି ହିଁ ଲୋକେ ପିଉଛନ୍ତି। ବିଭିନ୍ନ ରିପୋର୍ଟ କହୁଛି, ଗତ ଦୁଇବର୍ଷ ମଧ୍ୟରେ ଖାଦ୍ୟ ମୁଦ୍ରାସ୍ଫୀତି ଦୁଇଗୁଣ ବୃଦ୍ଧି ପାଇବା ପରେ ଗରିବ ଲୋକଙ୍କ ମଧ୍ୟରେ କ୍ଷୁଧା ଓ ପୁଷ୍ଟିହୀନତା ବଢିଛି। ନିକଟରେ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କ-୨୦୨୪ରେ ଏହି ଉଦ୍‌ବେଗ ଜନକ ଓ ବେଦନା ଦାୟକ ଚିତ୍ର ପ୍ରକଟିତ ହୋଇଛି। ବିଶ୍ୱ କ୍ଷୁଧା ସୂଚକାଙ୍କରେ ତାଲିକାଭୁକ୍ତ ହୋଇଥିବା ୧୨୭ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୦୫। କ୍ଷୁଧା ସମ୍ବନ୍ଧୀୟ ବିଶ୍ଳେଷଣରେ ଭାରତ 'ଗୁରୁତର' ଶ୍ରେଣୀରେ ରହିଛି। ଏହାର ଅର୍ଥ ହେଲା ଭୋକର ଭୂଗୋଳରେ ଭାରତର ସ୍ଥିତି ଅତ୍ୟନ୍ତ ଦୟନୀୟ। ଏପରିକି ବାଙ୍ଗଲାଦେଶ, ନେପାଳ ଓ ଶ୍ରୀଲଙ୍କା ଭଳି ପଡୋଶୀ ଦେଶମାନେ ମଧ୍ୟ 'ମଧ୍ୟମ' ଶ୍ରେଣୀରେ ସ୍ଥାନିତ ହୋଇଛନ୍ତି। ଫଳରେ ଏହି ସବୁଦେଶମାନଙ୍କ ଅପେକ୍ଷା ବି ଭାରତର ସ୍ଥିତି ଆହୁରି ଶୋଚନୀୟ। ଭାରତ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରିସାରିଛି। ପ୍ରଧାନମନ୍ତ୍ରୀ ୫ ଟ୍ରିଲିୟନ ଡଲାର ଅର୍ଥନୀତିର ଲକ୍ଷ୍ୟ ପୂରଣ କରିବାକୁ ଘୋଷଣା କଲାବେଳେ ଆମ ରାଜ୍ୟ ମୁଖ୍ୟମନ୍ତ୍ରୀ ଅଧା ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ପୂରଣ କରି ୨୦୩୬ ସୁଦ୍ଧା 'ବିକଶିତ ଓଡିଶା', 'ସମୃଦ୍ଧ ଓଡିଶା', 'ଉତ୍କର୍ଷ ଓଡିଶା' ଆଦିର ବାଣୀ ଶୁଣେଇ ଚାଲିଛନ୍ତି। ଏକବିଂଶ ଶତାବ୍ଦୀରେ ମଧ୍ୟ ମଣିଷ 'ଖାଦ୍ୟ' ପାଇବାର ମୌଳିକ ଆବଶ୍ୟକତା ପୂରଣ ପାଇଁ ଜୀବନ ମରଣ ସଂଗ୍ରାମ କରୁଛି, ଏହାଠାରୁ ଲଜ୍ଜାଜନକ ଘଟଣା ଆଉ କ'ଣ ଥାଇପାରେ ? ନୋବେଲ ପୁରସ୍କାର ବିଜେତା କୃଷି ବିଜ୍ଞାନୀ ଡକ୍ଟର ବୋରଲଗ୍ କହିଥିଲେ, "ପୃଥିବୀ ପୃଷ୍ଠରେ ଜନ୍ମ ନେଇଥିବା ପ୍ରତ୍ୟେକ ମନୁଷ୍ୟର ଖାଦ୍ୟ ପାଇବା ହେଉଛି ନୈତିକ ଅଧିକାର।"

ସାଂପ୍ରତିକ ପରିସ୍ଥିତିରେ ଅର୍ଥନୀତିଜ୍ଞ ମାନେ କହୁଛନ୍ତି, "ପୃଥିବୀ ପୃଷ୍ଠରେ ଜନ୍ମ ନେଇଥିବା ପ୍ରତ୍ୟେକ ମନୁଷ୍ୟର ସୁଷମ ଖାଦ୍ୟ ପାଇବା ହେଉଛି ମୌଳିକ ଅଧିକାର"। କ୍ରମବର୍ଦ୍ଧିଷ୍ଣୁ ଲଗାମହୀନ ଦରଦାମ ବୃଦ୍ଧି ଏହି 'ନୈତିକ ଓ ମୌଳିକ ଅଧିକାର'କୁ ସୁନିଶ୍ଚିତ କରୁଛି ନା ଯେଉଁ ସାମାନ୍ୟ ଅଧିକାର ଟିକକ ରହିଛି ତାକୁ ଆହୁରି ସଂକୁଚିତ କରୁଛି ତାହା ବିଚାର କରିବା ଦରକାର। ଏହି ସର୍ବନିମ୍ନ ଅଧିକାର ଟିକକ ନରହିଲେ ଯେ ବହୁ ପ୍ରଚାରିତ ମଣିଷର ବଂଚିବାର ଅଧିକାର ନିରର୍ଥକ ଓ ମୂଲ୍ୟହୀନ ତଥା ଗଣତନ୍ତ୍ର ନାଁରେ ଏହା ଏକ ଫମ୍ପା ଆୱାଜ୍, ଏକଥା ବୁଝାଇ କହିବାର ଆବଶ୍ୟକତା ବା କ'ଣ। ସମସ୍ତ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଦେଶ ଭଳି ଆମ ଦେଶରେ ମଧ୍ୟ ପ୍ରାଚୁର୍ଯ୍ୟ ବଢୁଛି, ଦାରିଦ୍ର୍ୟ ବି ବଢୁଛି। ୭୭ବର୍ଷର ସ୍ୱାଧୀନ ଭାରତରେ, ସେ ବିଜେପି ହେଉ ବା କଂଗ୍ରେସ ବା ବିଜେଡି ଭଳି ଆଂଚଳିକ ଦଳ, ସମସ୍ତଙ୍କର ଶାସନ କାଳରେ ଆଦାନୀ-ଅମ୍ବାନୀ ଭଳି ମୁଷ୍ଟିମେୟ ଧନୀ ପୁଞ୍ଜିପତି ମାନେ ଆହୁରି ଅଧିକ ଧନୀ ହୋଇଛନ୍ତି। ଅନ୍ୟ ଦିଗରେ ଏମାନଙ୍କର ଶୋଷଣ ଫଳରେ ସାଧାରଣ ଶୋଷିତ ମଣିଷ ପେଶୀ ହୋଇ ହୋଇ ଗରିବରୁ ଆହୁରି ଗରିବ ହୋଇଛି। ପରିସ୍ଥିତି ଏଭଳି ହୋଇଛି ଯେ, ସାଧାରଣ ଲୋକ ପକ୍ଷରେ ଗଣ୍ଡେ ଖାଇ ଦଣ୍ଡେ ଜିଇଁବା ଆଜି ଦୁର୍ବିସହ ହୋଇପଡିଛି। ଅସହ୍ୟ ଦରଦାମ ବୃଦ୍ଧି ଗରିବ, ନିମ୍ନ ମଧ୍ୟବି  , ମଧ୍ୟବି  ଜନସାଧାରଣଙ୍କ ଅ  ।କୁ ସଂପୂର୍ଣ୍ଣ ଭାଙ୍ଗି ଦେଇଛି। ଏଥିରୁ ମୁକ୍ତି ପାଇବାକୁ ହେଲେ ସଚେତନ, ସଂଗଠିତ, ଶକ୍ତିଶାଳୀ, ଦୀର୍ଘସ୍ଥାୟୀ ଐକ୍ୟବଦ୍ଧ ଗଣଆନ୍ଦୋଳନ ଏକାନ୍ତ ଆବଶ୍ୟକ। ସଠିକ୍ ବିପ୍ଳବୀ ସଂଗଠନର ପରିଚାଳନାରେ ଏତାଦୃଶ ଗଣ ଆନ୍ଦୋଳନ ଗଢିତୋଳି ପାରିଲେ ଯାଇ ଏହି ଭୟାବହ ଦରବୃଦ୍ଧିକୁ ନିୟନ୍ତ୍ରଣ କରାଯାଇ ପାରିବ।

★ ★ ★

Regd.No-ORI ORI/2011/37220 • VOL.NO. 11, ISSUE NO. 18 • ମୂଲ୍ୟ-୫ଟଙ୍କା

# ୧୯୯୯ ମହାବାତ୍ୟାର ୨୫ବର୍ଷ : ଅନୁଭୂତି ଓ ସ୍ୱାସ୍ଥ୍ୟ ଶିବିର

୧୯୯୯ ଓଡିଶା ମହାବାତ୍ୟାର ୨୫ବର୍ଷ ପୂରଣ ଅବସରରେ ନଭେମ୍ବର ୩ତାରିଖ ଦିନ ମେଡିକାଲ ସର୍ଭିସ ସେ ର ଓଡିଶା ରାଜ୍ୟ କମିଟି ପକ୍ଷରୁ ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ପଦ୍ମପୁରଠାରେ ଏକ ସ୍ୱାସ୍ଥ୍ୟ ଶିବିର ଓ ମହାବାତ୍ୟାର ଅଭିଜ୍ଞତା ଆଦାନ ପ୍ରଦାନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ୨୧ଜଣ ଡାକ୍ତର, ଓଡିଶାର ବିଭିନ୍ନ ମେଡିକାଲ କଲେଜରୁ ୩୭ଜଣ ଡାକ୍ତରୀ ଛାତ୍ର ତଥା ନର୍ସ, ଫାର୍ମାସିଷ୍ଟ, ଫିଜିଓ ଥେରାପିଷ୍ଟ, ସ୍ୱାସ୍ଥ୍ୟ କର୍ମୀ, ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାବାତ୍ୟା ତଥା ସେହି ସମୟରେ ହୋଇଥିବା ମେଡିକାଲ ରିଲିଫ କାର୍ଯ୍ୟକ୍ରମର କିଛି ଫଟୋଚିତ୍ର ଆଧାରିତ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ମେଡିକାଲ ସର୍ଭିସ ସେ ରର ସର୍ବଭାରତୀୟ ଉପସଭାପତି ଡା. ବିଜ୍ଞାନ କୁମାର ବେରା ଏହି ଫଟୋ ପ୍ରଦର୍ଶନୀ ସହ ପ୍ରଥମାର୍ଦ୍ଧରେ ଅନୁଷ୍ଠିତ ହୋଇଥିବା ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ୩୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକୀୟ ଔଷଧ ଓ ପରାମର୍ଶ ପ୍ରଦାନ କରାଯାଇଥିଲା।




କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ମହାବାତ୍ୟାର ସ୍ମୃତି, ଅନୁଭୂତି ଓ ଅଭିଜ୍ଞତା ଆଦାନ ପ୍ରଦାନ ନିମନ୍ତେ ଏକ ସଭାର ଆୟୋଜନ ହୋଇଥିଲା। ମେଡିକାଲ ସର୍ଭିସ ସେ ର ଓଡିଶା ରାଜ୍ୟ ସଭାପତି ଡା. ସୁରଜିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ସଂଗଠନର ସର୍ବଭାରତୀୟ ସାଧାରଣ ସଂପାଦକ ଡା. ଭବାନୀ ଶଙ୍କର ଦାସ ଉଦ୍‌ଘାଟନ କରିଥିଲେ। ପ୍ରଥମେ ୧୯୯୯ ମହାବାତ୍ୟାର ଘଟଣା ସମୂହ ଓ ଏମ୍ଏସ୍‌ସିର ଭୂମିକା ସମ୍ବଳିତ ଏକ ସଂକ୍ଷିପ୍ତ ଡକୁମେ ାରୀ ପ୍ରଦର୍ଶିତ ହୋଇଥିଲା। ଏହାପରେ ଦୀର୍ଘ ୩ମାସରୁ ଉର୍ଦ୍ଧ୍ୱ ସମୟ ଧରି ବାତ୍ୟା ରିଲିଫ କାର୍ଯ୍ୟରେ ଯୋଗ ଦେଇଥିବା ସ୍ୱେଚ୍ଛାସେବୀ, ଡାକ୍ତର ତଥା ସ୍ଥାନୀୟ ଜନସାଧାରଣ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ଏକ ଗାଇଡେଡ୍ ଟୁର ମାଧ୍ୟମରେ ଏମ୍ଏସ୍‌ସି ସର୍ବଭାରତୀୟ ବିପର୍ଯ୍ୟୟ ପରିଚାଳନା କମିଟିର ମୁଖ୍ୟ ଅଂଶୁମାନ ମିତ୍ର ମହାବାତ୍ୟା ସମୟରେ ବେସ କ୍ୟାମ୍ପ ଓ ଫିଲ୍ଡ ହସପିଟାଲ ହୋଇଥିବା ସ୍ଥାନମାନଙ୍କୁ ନେଇ ଉପସ୍ଥିତ ସମସ୍ତ ଡାକ୍ତର ଓ ଡାକ୍ତରୀ ଛାତ୍ରମାନଙ୍କୁ ବୁଲାଇ ଦେଖାଇଥିଲେ। ବିଶେଷକରି ଡାକ୍ତରୀ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଗଭୀର ଅନୁପ୍ରାଣିତ ହୋଇଥିଲେ ଏବଂ ଭବିଷ୍ୟତରେ ଏହିପରି ସମସ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ।

# ଘାଟଶିଳାଠାରେ ଏଆଇଏମ୍ଏସ୍ଏସ୍‌ର ସର୍ବଭାରତୀୟ କ୍ୟାମ୍ପ ଉଦଯାପିତ



ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ଆନୁକୁଲ୍ୟରେ ଗତ ନଭେମ୍ବର ୧୦,୧୧,୧୨ ତାରିଖରେ ଝାଡ଼ଖଣ୍ଡ ରାଜ୍ୟର ଘାଟଶିଳା ସ୍ଥିତ ମାର୍କସବାଦ-ଲେନିନବାଦ୍-ଶିବଦାସ ଘୋଷ ଷ୍ଟଡି ସେ ର୍‌ଠାରେ ସର୍ବଭାରତୀୟ କ୍ୟାମ୍ପ ଅନୁଷ୍ଠିତ ହୋଇଛି। ସଙ୍ଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା କମ୍ରେଡ ଛବି ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୋଚକ ଭାବେ ଯୋଗଦେଇଥିଲେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ପଲିଟିବ୍ୟୁରୋ ସଦସ୍ୟ କମ୍ରେଡ ସୌମେନ ବୋଷ, କମ୍ରେଡ ଅମିତାଭ ଚାଟାର୍ଜୀ ଓ କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ କେ ଉମା।

ଏହି କ୍ୟାମ୍ପ ପାଇଁ କମ୍ରେଡ ଶିବଦାସ ଘୋଷଙ୍କ ବକ୍ତବ୍ୟ ଆଧାରରେ ରଚିତ 'ଗଣ ମୁକ୍ତିର ସଂକଳ୍ପ', କମ୍ରେଡ ପ୍ରଭାସ ଘୋଷଙ୍କ ବକ୍ତବ୍ୟ ଆଧାରରେ ରଚିତ 'ମହିଳା କର୍ମୀ ମାନଙ୍କ କର୍ମ ପଦ୍ଧତି' ମହାନ୍ ମାନବତାବାଦୀ ସାହିତ୍ୟିକ ଶରତ ଚଟୋପାଧ୍ୟାୟଙ୍କ 'ପଥେର୍ ଦାବି' ଏବଂ ମୁନସୀ ପ୍ରେମ ଚନ୍ଦଙ୍କ ଗଳ୍ପ 'ଦୁଧର ମୂଲ୍ୟ' ପଢ଼ା ଚର୍ଚ୍ଚା କରି ଯଥେଷ୍ଟ ପୂର୍ବରୁ ପ୍ରଶ୍ନ ଦେବାପାଇଁ କୁହାଯାଇଥିଲା ଏବଂ ସେହି ଅନୁଯାୟୀ ପ୍ରତିନିଧି ମାନେ ମଧ୍ୟ ପ୍ରସ୍ତୁତ ହୋଇ ଯୋଗ ଦେଇଥିଲେ।

ପ୍ରତିନିଧି ମାନଙ୍କ ପକ୍ଷରୁ ଉତ୍‌ଥାପିତ କେତେକ ପ୍ରଶ୍ନ ଉପରେ ଏ ଆଇ ଏମ୍ ଏସ୍ ଏସ୍ ର ବିଭିନ୍ନ ରାଜ୍ୟ ତଥା ସର୍ବଭାରତୀୟ କର୍ମକ ା ମାନେ ଆଲୋଚନା କରିବାପରେ ଏସ୍ ୟୁ ସି ଆଇ (କମ୍ୟୁନିଷ୍ଟ)ର ଉପସ୍ଥିତ ନେତୃମଣ୍ଡଳୀ ଆଲୋଚନା କରିଥିଲେ କମ୍ରେଡ ସୌମେନ ବୋଷଙ୍କ ଉଦଯାପନୀ ବକ୍ତବ୍ୟ ଏବଂ ସର୍ବଭାରତୀୟ ସଭାପତି କମ୍ରେଡ କେୟା ଦେ ଙ୍କ ସଭାପତି ଅଭିଭାଷଣ ପରେ ତିନି ଦିନିଆ କ୍ୟାମ୍ପ ଶେଷ ହୋଇଥିଲା।

ପତାକା ଉ େ ାଳନ, କମ୍ରେଡ ଶିବଦାସ ଘୋଷଙ୍କ ପ୍ରତିମୂ ିରେ ମାଲ୍ୟାର୍ପଣ ଏବଂ ତାଙ୍କ ଉପରେ ରଚିତ ସଙ୍ଗୀତ ଗାନ ମଧ୍ୟ ଦେଇ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥଲା ଏବଂ ଆନ୍ତର୍ଜାତିକ ସଙ୍ଗୀତ ଗାନ ମଧ୍ୟ ଦେଇ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା।

ଦେଶର ୧୮ଟି ରାଜ୍ୟରୁ ମୋଟ ୩୫୨ ଜଣ ବଛାବଛା ପ୍ରତିନିଧିଙ୍କୁ ନେଇ ଏହି କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା।

# ୪ବର୍ଷିଆ ଡିଗ୍ରୀ କୋର୍ସ ପ୍ରଚଳନ ବିରୁଦ୍ଧରେ ସାରା ଭାରତ ଶିକ୍ଷା ବଂଚାଅ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ରାଜ୍ୟ ସରକାର ସଂପ୍ରତି ରାଜ୍ୟରେ ୪ ବର୍ଷିଆ ଡିଗ୍ରୀ କୋର୍ସ ସହିତ ବହୁ ପ୍ରସ୍ଥାନ ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପ ି ଗ୍ରହଣ କରିଛନ୍ତି। ୪ ବର୍ଷିଆ ଡିଗ୍ରୀ କୋର୍ସ ଓ ବହୁ ପ୍ରସ୍ଥାନ ବ୍ୟବସ୍ଥା ଉଚ୍ଚ ଶିକ୍ଷାକୁ ସଂପୂର୍ଣ୍ଣ ଧ୍ୱଂସ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଏକ ଦିଗହରା ଢାଂଚା ମଧ୍ୟକୁ ଠେଲି ଦେବ ବୋଲି ନଭେମ୍ବର ୪ ତାରିଖରେ ସାରା ଭାରତ ଶିକ୍ଷା ବଂଚାଅ କମିଟି, ଓଡିଶା ରାଜ୍ୟ କମିଟି ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।




ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଥିଲା ଯେ, ରାଜ୍ୟ ସରକାର ଚଳିତ ଶିକ୍ଷାବର୍ଷ ମଝିରେ ଅର୍ଥାତ ସେପ୍ଟେମ୍ବର ମାସରେ ୪ବର୍ଷିଆ ଡିଗ୍ରୀ କୋର୍ସ ଲାଗୁ କରିଛନ୍ତି, ଯେତେବେଳେ କି ଛାତ୍ରଛାତ୍ରୀମାନଙ୍କର ନାମଲେଖା ସମାପ୍ତ ହୋଇ ଅଗଷ୍ଟ ମାସରୁ ପାଠପଢା ଆରମ୍ଭ ହୋଇଯାଇଛି।

ରାଜ୍ୟ ସରକାର ଡିଗ୍ରୀ ସ୍ତରରେ ଯେଉଁ ନୂତନ ବ୍ୟବସ୍ଥା ଲାଗୁ କରିଛନ୍ତି ତାହା ବସ୍ତୁତଃ ଉଚ୍ଚଶିକ୍ଷାର ମୂଳ ଉଦ୍ଦେଶ୍ୟ ଯାହା ଗୋଟିଏ ଦିଗରେ ଏକ ନିର୍ଦ୍ଦିଷ୍ଟ ବିଷୟରେ ଉଚ୍ଚତର ଜ୍ଞାନ ଗଢିତୋଳିବା ଏବଂ ଅନ୍ୟ ଦିଗରେ ଏକ ସାମଗ୍ରିକ ଭାବରେ ସମାଜ ଦରଦୀ ନାଗରିକ ଗଢିତୋଳିବା ପାଇଁ ଉଦ୍ଦିଷ୍ଟ ତାହାକୁ ସମୂଳେ ଧ୍ୱଂସ କରିବ। ଏହି ଦିଗହରା, ଅଗଣତାନ୍ତ୍ରିକ, ଜନମାରଣ, ଶିକ୍ଷା ବିରୋଧୀ ଚାରି ବର୍ଷିଆ ଡିଗ୍ରୀ କୋର୍ସକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ସାରା ଭାରତ ଶିକ୍ଷା ବଂଚାଅ କମିଟି ପକ୍ଷରୁ ଦୃଢ ଦାବି କରାଯିବା ସହିତ ଏହା ବିରୁଦ୍ଧରେ ରାଜ୍ୟର ଛାତ୍ର, ବୁଦ୍ଧିଜୀବୀ, ଜନଗଣ ଏକଜୁଟ୍ ହେବାକୁ ଆହ୍ୱାନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ପ୍ରଫେସର ବିରେନ୍ଦ୍ର ନାୟକ, ଶ୍ରୀଯୁକ୍ତ ମହେନ୍ଦ୍ର କୁମାର କାୟାସ୍ଥ, ସଂଗଠନର ରାଜ୍ୟ ସଂପାଦକ ସୁବାସ ନାୟକ, ରାଜ୍ୟ ଉପସଭାପତି ବିଶ୍ୱାବସୁ ଦାସ, ବିଭୁତି ନାୟକ, ରାଜେନ୍ଦ୍ର ବର୍ମା, ନିୟତୀ ଜାନା, ପ୍ରଭାସିନୀ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# କଟକରେ ଘଟିଥିବା ଛାତ୍ରୀ ଦୁଷ୍କର୍ମ ଘଟଣାରେ ସଂପୃକ୍ତ ସମସ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଦାବିରେ ଛାତ୍ର ବିକ୍ଷୋଭ




କଟକରେ ଘଟିଥିବା ଛାତ୍ରୀ ଦୁଷ୍କର୍ମ ଘଟଣାରେ ସଂପୃକ୍ତ ସମସ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ, ଛାତ୍ରୀ ଓ ମହିଳାମାନଙ୍କୁ ନିରାପ । ଯୋଗାଇଦେବା, ଅଶ୍ଳୀଳତା-ନଗ୍ନତା-ମଦ ମାଦକ ଦ୍ରବ୍ୟକୁ ସଂପୂର୍ଣ୍ଣ ନିଷିଦ୍ଧ କରିବା ଦାବିରେ ନଭେମ୍ବର ୯ ରେ ଅନୁଗୁଳ ରାଜାଛକ ଠାରେ ଏଆଇଡିଏସଓ ପକ୍ଷରୁ ଏକ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଆିଡିଏସଓ ରାଜ୍ୟ ସମ୍ପାଦକ କମ୍ରେଡ୍ ସିଦ୍ଧାର୍ଥ ରଥ, ଉପ-ସଭାପତି ସୁନିଲ ଭୋଇ, ସମ୍ପାଦକ ମଣ୍ଡଳୀ ସଦସ୍ୟ ପରମାନନ୍ଦ ସାହୁ, ବିନୋଦ ସେଠୀ, ଈଷା ଧର, ତରୁଣସେନ ନାୟକ, ନାରାୟଣ ସାହୁ, ନିମାଇଁ ସାହୁ, ପ୍ରଶାନ୍ତ ଦାସ, ରାଜ୍ୟ କମିଟି ସଦସ୍ୟ କିଷାନ ସାହୁ, ଶୁଭସ୍ମିତା ସାହୁ, ଗୌର ପାତ୍ର, ସରୋଜିନୀ ବେହେରା, ପଲ୍ଲୀ ମଲ୍ଲିକ, ନିରୁପମା ନାୟକ, ମନୋଜ ପାତ୍ର, ବନ୍ଦନା ଓରାମ, ପପୁନ ସାହୁ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏଆଇଡିଏସଓ ଅନୁଗୁଳ ଜିଲ୍ଲା ସମ୍ପାଦକ ନାରାୟଣ ନାୟକ ସଭାପତିତ୍ୱ କରିଥିଲେ। ବକ୍ତାମାନେ ନିଜ ବକ୍ତବ୍ୟ ରେ ରାଜ୍ୟ ତଥା ସମଗ୍ର ଦେଶରେ ଛାତ୍ରୀ ଓ ମହିଳାମାନଙ୍କ ଉପରେ ଆକ୍ରମଣ ଓ ଦୁଷ୍କର୍ମ କ୍ରମାଗତ ବଢି ଚାଲିଛି ବୋଲି କହିଥିଲେ। ଡବଲ ଇଞ୍ଜିନ ସରକାର ଏହାକୁ ରୋକିବା ବଦଳରେ ଛାତ୍ର ଯୁବକମାନଙ୍କର ନୈତିକ ମେରୁଦଣ୍ଡ ଭାଙ୍ଗିଦେବା ପାଇଁ ଷଡଯନ୍ତ୍ରମୂଳକ ଭାବେ ଅଶ୍ଳୀଳତା-ନଗ୍ନତା-ମଦ ମାଦକ ଦ୍ରବ୍ୟର ବ୍ୟାପକ ପ୍ରଚାର ପ୍ରସାର କରୁଛନ୍ତି। ଏହା ପ୍ରତିବାଦରେ ଛାତ୍ର ସମାଜ ସହ ସର୍ବସ୍ତରର ଜନଗଣ ଏକତ୍ରିତ ହେବାକୁ ବକ୍ତା ମାନେ ଆହ୍ୱାନ ଦେଇଥିଲେ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das